ଶୁଭପଲ୍ଲବ

୧୭ଶ ସଂସ୍କରଣ



୨୦୧୮ ନବବର୍ଷ ଦିନ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଓଡ଼ିଆ ଲୋକଙ୍କ ଦ୍ୱାରା ରଚିତ କିଛି ଗଳ୍ପ, ପ୍ରବନ୍ଧ ଏବଂ କବିତାକୁ ନେଇ ପ୍ରକାଶ ପାଇଥିଲା ଏହି ପତ୍ରିକାଟିର ପ୍ରଥମ ସଂସ୍କରଣ । ପରବର୍ତ୍ତୀ ସମୟରେ ଏହାର ନାମ "**ଶୁଭପଲ୍ଲବ**"କୁ ପରିବର୍ତ୍ତନ କରାଯାଇଥିଲା । ପତ୍ରିକାଟିର ପୁନଃନାମକରଣ କରିଥିଲେ **ପଣ୍ଡିତ ଶ୍ରୀଯୁକ୍ତ ଭାଗିରଥୀ ନନ୍ଦଶର୍ମା** ମହୋଦୟ । ପୂର୍ବ ୧୬ଟି ଯାକ ସଂସ୍କରଣର ଲେଖା ସହ ଏବେ ଆମେ ଆମର ୱେବ୍‌ସାଇଟ୍ ମଧ୍ୟ କାର୍ଯ୍ୟ କରୁଛି । ଏଥର ଅଧିକ ସଂଖ୍ୟକ ପାଠକ ଏବଂ ଲେଖକମାନଙ୍କ ସହ ଯୋଡ଼ି ହୋଇ ରହିବୁ ବୋଲି ଆମର ଆଶା ।

ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକ ମଧ୍ୟ ଶୁଣିବାପାଇଁ ୟୁ-ଟ୍ୟୁବ୍‌ରେ ଉପଲବ୍ଧ । ଏହାଛଡ଼ା ଆମର ୱେବ୍ ପୋର୍ଟାଲ୍ ଓଡ଼ିଆ ସମେତ ଇଂରାଜୀ, ସଂସ୍କୃତ, ହିନ୍ଦୀ, ପଞ୍ଜାବୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ଉପଲବ୍ଧ, ଯେଉଁଥିରେ ବାହାର ଅନେକ ନୂଆ ନୂଆ ଲେଖକଲେଖିକା ଆମ ପରିବାର ସହ ଯୋଡ଼ିହେଲେଣି । ଏହି ବର୍ଷ ଆଗକୁ ଆହରି ବଢ଼ିବାର ଆଶା ରଖିଛୁ ।

ଶୁଭପଲ୍ଲବ ଏବେ ମାସିକ ପତ୍ରିକା ଭାବରେ ପ୍ରକାଶ ପାଉଛି । **ଆଗାମୀ ସଂସ୍କରଣ ପାଇଁ ସମ୍ପାଦକ ତାପସ ରଞ୍ଜନଙ୍କ ଦ୍ୱାରା କିଛି ବଛାଲେଖା ପ୍ରକାଶ କରାଯିବ** ଏବଂ ଅନ୍ୟାନ୍ୟ ଲେଖାଗୁଡ଼ିକୁ ଆମର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । **ପ୍ରତ୍ୟେକ ମାସର ୧ ତାରିଖରେ ପତ୍ରିକା ପ୍ରକାଶ ପାଇବ** ଏବଂ **୧୦ ତାରିଖ ମଧ୍ୟରେ ଆସନ୍ତା ମାସ ପାଇଁ ଲେଖା ଗ୍ରହଣ କରାଯିବ** ।

ଏହି ପତ୍ରିକାଟି ଇ-ପତ୍ରିକା ହୋଇଥିବାରୁ ଏହାକୁ ପଢ଼ିବାକୁ କୌଣସି ମୂଲ୍ୟ ଲାଗିବ ନାହିଁ ଏବଂ ଲେଖକମାନଙ୍କୁ କୌଣସି ମୂଲ୍ୟ ପ୍ରଦାନ କରାଯାଇନାହିଁ । ପତ୍ରିକାର ଲେଖାଗୁଡ଼ିକ ଇ-ମେଲ ମାଧ୍ୟମରେ ଗ୍ରହଣ କରାଯାଇଛି । ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକର ଉତ୍ତରଦାୟୀ ଲେଖକମାନେ ନିଜେ ଏବଂ ପ୍ରକାଶିତ ସମସ୍ତ ଲେଖାର ସତ୍ତ୍ୱାଧିକାର କେବଳ ଲେଖକମାନଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃ-ପ୍ରକାଶନ ପାଇଁ ଲେଖକମାନଙ୍କର ଅନୁମତି ନିତ୍ୟାନ୍ତ ଆବଶ୍ୟକ ।

ଶୁଭପଲ୍ଲବ



ସଂଗ୍ରାମ କେଶରୀ ସେନାପତି

(ସମ୍ପାଦକ)



ତାପସ ରଞ୍ଜନ

(ସମ୍ପାଦକ)



ସମ୍ବିତ ଦାସ


(ଅଳଂକରଣ)

ବିଶେଷ ସୂଚନା

ଶୁଭପଲ୍ଲବ ଇ-ପତ୍ରିକାର ସାହିତ୍ୟ ବିଭାଗ ସୁବେଳେ ମୁକ୍ତ ଭାବରେ ପାଠକମାନଙ୍କ ପାଖରେ ପହଞ୍ଚୁଛି, ଫଳରେ ଅନେକଙ୍କ ଦ୍ୱାରା ଆଦୃତ ମଧ୍ୟ ହୋଇଛି । ମାତ୍ର ଏହି କାର୍ଯ୍ୟକୁ ଜାରି ରଖିବା ପାଇଁ ବିନିଯୋଗ ପାଇଁ ଅର୍ଥ ଆବଶ୍ୟକ ପଡୁଛି । ଫଳରେ ଅର୍ଥ ଯୋଗାଡ଼ କରିବା ପାଇଁ ଶୁଭପଲ୍ଲବ ଷ୍ଟୋର୍ ଭାବରେ ଏକ ଅନ୍‌ଲାଇନ୍ ଷ୍ଟୋର ଆରମ୍ଭ କରିଛି, ଯେଉଁଥିରେ ଓଡ଼ିଶାର ହସ୍ତତନ୍ତ ମାସ୍କ, ଟି-ସାର୍ଟ ଭଳି କିଛି ଜିନିଷ ଏବେ ଉପଲବ୍ଧ ହେଉଛି ।

ଆପଣଙ୍କର ମାନଙ୍କର ସହଯୋଗରେ ଯେପତି ଶୁଭପଲ୍ଲର ପତ୍ରିକା ଓ ପୋର୍ଟୋଲ ଜନାଦୃତ ହୋଇଛି, ସେହିଭଳି ଏହି ନୂଆ ପଦେକ୍ଷେପରେ ମଧ୍ୟ ଆପଣଙ୍କର ସହଯୋଗ ଲୋଡୁଛୁ ।

- ସଂଚାଳକ ପରିଷଦ



ଓଡ଼ିଶା ହସ୍ତତନ୍ତ ମାସ୍କ

(୫ଟିକୁ ୩୪୯/- ମାତ୍ର)

ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

Buy Now!

ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୧	ସମ୍ପାଦକୀୟ...	ତାପସ ରଞ୍ଜନ	୭
୨	ପୁରୁଷ	ଚିନ୍ମୟ କୁମାର ସାହୁ	୯
୩	ବାପା	ରୋଜା ପଣ୍ଡା	୧୨
୪	ସୁନାଝିଅ	ସଂଘମିତ୍ରା ରାଏଗୁରୁ	୧୬
୫	କୋଣାର୍କ କହି ଇତିହାସ	ଦେବେନ୍ଦ୍ର ସେଠୀ	୧୭
୬	ମୋ ଗାଁ ଡାକୁଛି	ସମିତା ସାହୁ	୧୯
୭	ମୋ ପିଲାଦିନ	ବନଜା ବିଶ୍ୱାଳ	୨୦
୮	ଘଟାନ୍ତର	ସୋନାଲି ସୁଚରିତା	୨୩
୯	ଲକ୍ ଡାଉନ୍	ସୁଧାଂଶୁ ଶେଖର ବଳ	୨୫
୧୦	ମୋ ଭାଇ	ସମ୍ୟଜିତ ପାତ୍ର	୨୮
୧୧	ଶେଷ ସନ୍ତକ	ପ୍ରୀତିସୀମା ସ୍ୱାଇଁ	୩୦
୧୨	ଶେଷ ପ୍ରଶ୍ନ	ସୁଷମା ପରିଜା	୩୨
୧୩	ହସର ଜହ୍ନ	ଆଶୁତୋଷ ମେହେର	୩୫
୧୪	ଆପତ୍ତି	ବିମ୍ବାଧର ମହାପାତ୍ର	୩୬
୧୫	ମୁଁ କାଶ୍ମୀର୍ ଝିଅ କହୁଛି	ସୌଭାଗ୍ୟବତୀ ଗିରି	୩୮
୧୬	ଅଣୁ ଭୌତିକ କାହାଣୀ	ଦୀପକ ଷଡ଼ଙ୍ଗୀ	୩୯
୧୭	ଫେରିବ ଦିନେ ନା ଦିନେ	ସୂର୍ଯ୍ୟପ୍ରକାଶ ନାୟକ	୪୧
୧୮	ମହମ୍ମଦ ସିକନ୍ଦର ଆଲାମ	ସଂଗ୍ରାମ କେଶରୀ ସେନାପତି	୪୩
୧୯	ଦଙ୍ଗା	ଡ. ତୃପ୍ତିରଞ୍ଜନ ସ୍ୱାଇଁ	୪୫
୨୦	ଅସୀତ ପଟ୍ଟନାୟକଙ୍କ ସହ ଆଳାପ	ସଂଗ୍ରାମ କେଶରୀ ସେନାପତି	୪୭
୨୧	ନାରୀର ଅପମାନ	ସ୍ୱାତୀସ୍ମିତା ବାରିକ	୫୧

ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୨୨	ବାବା	ଦୀନବନ୍ଧୁ ମିଶ୍ର	୫୩
୨୩	ସ୍ମୃତି	ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ	୫୭
୨୪	ଆମ ରୋଷେଇ: ଚାଉଳ କ୍ଷୀରି	ଜୁଲି ସାମନ୍ତରାୟ	୬୦
୨୫	ସମୟ	କୃଷ୍ଣେନ୍ଦୁ ହୋତା	୬୩
୨୬	ପ୍ରିୟା-ପ୍ରେମ	ସଞ୍ଜୟ କୁମାର ତ୍ରିପାଠୀ	୬୪
୨୭	ସ୍ୱପ୍ନ	ଆଶିଷ କୁମାର ସ୍ୱାଇଁ	୬୫

VISIT WEBSITE

My Photography

Visit My Photgraphy Website:

www.gapuphotography.com

Visit My Photography FaceBook Page:

http://facebook.com/gapuphotography/

Join My Photography Club:

https://www.facebook.com/groups/GapuPhotography/

ସମ୍ପାଦକୀୟ...

କ'ଣ ଏହି ସ୍ୱାଧୀନତା? ସତ୍ୟ ଯୁଗରେ ଦୈତ୍ୟ ଭାଇଙ୍କଠାରୁ ଦେବତାମାନଙ୍କୁ ଉଦ୍ଧାର କରି ଅଭୟ ପ୍ରଦାନ କରିବା କ'ଣ ସ୍ୱାଧୀନତା? ତ୍ରେତୟା ତଥା ଦ୍ୱାପର ଯୁଗରେ ରାବଣ ଆଉ କଂସର ଅତ୍ୟାଚାରରୁ ଏ ମାନବ ଜାତିକୁ ଉଦ୍ଧାର କରି ଧର୍ମ ଓ ଶାନ୍ତି ପ୍ରତିଷ୍ଠା କରିବା ବି କ'ଣ ଥିଲା ସ୍ୱାଧୀନତା? ଶହ ଶହ ବର୍ଷଧରି ଆଫଗାନ, ମଙ୍ଗୋଲିଆନ ଆଉ ମୋଗଲମାନଙ୍କ ଶାସନରୁ ମୁକ୍ତି ହେବା ଥିଲା ସ୍ୱାଧୀନତା ନା ପ୍ରଥମଥର ପାଇଁ ପ୍ରାନ୍ତୀୟ ଭେଦାଭେଦଠାରୁ ଉପରକୁ ଉଠି ଏକତ୍ରିତ ହୋଇ ଇଂରେଜମାନଙ୍କଠାରୁ ନିଜ ହାତକୁ ଶାସନ ନେଇ ଲୋକତନ୍ତ୍ର ପ୍ରତିଷ୍ଠା କରିବା ଥିଲା ସ୍ୱାଧୀନତା !? କ'ଣ ଏଇ ସ୍ୱାଧୀନତା?? ମୁକ୍ତ ଅଭିବ୍ୟକ୍ତିର ଅଧିକାର ସାବ୍ୟସ୍ତ କରିବାକୁ ସମ୍ବିଧାନର ଦ୍ୱାହିଦେଇ ଦେଶ ବିରୋଧୀ ବକ୍ତବ୍ୟ ଦେବା କ'ଣ ସ୍ୱାଧୀନତା? ଧାର୍ମିକ ଭାବନାକୁ ଆଘାତ ଦେଇ ହଜାର ହଜାର ବର୍ଷର ପରମ୍ପରା ଭାଙ୍ଗିବା କ'ଣ ସ୍ୱାଧୀନତା? ନା ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟରେ "ଛିନ୍ କେ ଲେଙ୍ଗେ ଆଜାଦି...."ର ନାରା ଦେବା ସ୍ୱାଧୀନତା? ବାସ୍ତବରେ କ'ଣ ଏହି ସ୍ୱାଧୀନତା?? ଜଣେ ବନ୍ଦୀ ନ ହେବାଯାଏଁ ମୁକ୍ତିର ଆନନ୍ଦ ବୁଝି ପାରେନା । ସେମିତି ପରାଧୀନ ନ ହେବାଯାଏ ସ୍ୱାଧୀନତାର ଅର୍ଥ ବୁଝିହୁଏନା । ପର୍ଯ୍ୟାୟକ୍ରମେ ଆମ ପୂର୍ବ ପିଢ଼ି ବା ଆମେ ଉପରୋକ୍ତ ସମସ୍ତ ପରାଧୀନତାରୁ ସ୍ୱାଧୀନ ହୋଇଛେ; ମାତ୍ର ସତରେ କ'ଣ ଆମେ ସ୍ୱାଧୀନ? ଶେଷ ସ୍ୱାଧୀନତାର ୭୪ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଆମେ କ'ଣ ସ୍ୱାଧୀନତାକୁ ପୂର୍ଣ୍ଣତଃ ହାସଲ କରିପାରିଛେ !? ନା ଉତ୍ତରାଧିକାର ସୂତ୍ରରେ ପାଇଥିବା ସ୍ୱାଧୀନତାର ବାସ୍ତବତାକୁ କ'ଣ ଆମେ ଉପଲବ୍ଧି କରିପାରିଛେ? ଆଜି ବି ଦେଶର ଅନେକ ପ୍ରାନ୍ତରେ କେବେ ଭୋକର କ୍ରୁର ଅତ୍ୟାଚାରରେ ଆତ୍ମହତ୍ୟା କରେ ସାଧାରଣ ନାଗରିକ ତ କେବେ ବାସଗୃହ ଅଭାବରେ ଖୋଲା ଆକାଶରେ ପଲିଥିନ୍ ତଳେ ମୁଣ୍ଡ ଗୁଞ୍ଜି । ଧନୀ ଆଉ

ଗରୀବର ସଂଜ୍ଞା ଆଜିକାଲି ଦାଉ ଦାଉ ହୋଇ ସ୍ପଷ୍ଟ ଦିଶେ କରୁଣ ଆଖିର ଚାହାଣୀରେ ତ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାର ଦୃଶ୍ୟାପ୍ୟ ମନେହୁଏ ଅନେକ ଅଞ୍ଚଳରେ । ଏଇ କ'ଣ ତେବେ ବାସ୍ତବ ସ୍ୱାଧୀନତା !? ତେବେ କେବେ ମିଳିବ ଆମକୁ ବାସ୍ତବ ସ୍ୱାଧୀନତା?? ସ୍ୱାଧୀନତା, ଭୋକର କରାଳ କାରୁଣ୍ୟରୁ; ଅଶିକ୍ଷାର ଘନ ଅନ୍ଧକାରରୁ; ଅସ୍ୱାସ୍ଥ୍ୟକର ପରିବେଶରୁ; ଆକାଶର ଖୋଲା ଛାତରୁ??? ରବିନ୍ଦ୍ରନାଥ ଟାଗୋରଙ୍କର "where the mind is without fear and the head is held high....." ଅପ୍ରାସଙ୍ଗିକ ଲାଗେ; ଅବାସ୍ତବ ଲାଗେ; ଦୁରୁହ ଲାଗେ । ତେବେ କେବେ ମିଳିବ ଆମକୁ ଆମର ବାସ୍ତବ ସ୍ୱାଧୀନତା????

ଆଗକୁ ଥିବା ରକ୍ଷା ବନ୍ଧନ, ଜନ୍ମାଷ୍ଟମୀ, ସ୍ୱାଧୀନତା ଦିବସ, ଗଣେଶ ପୂଜା, ନୂଆଖାଇ ଓ ରାଧାଷ୍ଟମୀର ଶୁଭକାମନା ସହ

ଜୟ ଜଗନ୍ନାଥ !!!

ଜୟ ମା' ସମଲେଇ !!!





"ପୁରୁଷ"
ଏ ଶବ୍ଦର ସଂଜ୍ଞା ଖୋଜିବାକୁ ବୋଧେ
ଅନେକେ ଅନେକ ଚେଷ୍ଟା କରିଥିବେ
କାହା ପାଇଁ ସମାଜରେ
ନାରୀର ଅନୁରୂପ ଓ ପରିପୂରକ ଏକ ସୃଷ୍ଟି,
ସନ୍ତାନର ମେରୁଦଣ୍ଡ, ଭଉଣୀର ଆତ୍ମବିଶ୍ୱାସ,
ତ ପରିଣତ ବୟସରେ ପିତାମାତାଙ୍କ ମଉଳା ଆଖିର ଝାପ୍ସା ଏକ ଦୃଷ୍ଟି ।

ଏମିତି ଏକ ଶବ୍ଦ
ସମ୍ପୂର୍ଣ୍ଣ ରଚନାଟେ ହେଇ ବର୍ଣ୍ଣିତ ବି ହେଇପାରେ
କିନ୍ତୁ ବିନା ଉଦ୍ଧୃତାଂଶରେ, ଶବ୍ଦହୀନ, ଅର୍ଥହୀନ ଆଉ ଭାବହୀନ
ଯିଏ ପାଣି ପରି ଜୀବନ ତ ବଞ୍ଚେଇ ପାରେ
କିନ୍ତୁ ସାରା ଜୀବନ ବର୍ଣ୍ଣହୀନ, ବାସ୍ନାହୀନ ଆଉ ସ୍ୱାଦହୀନ
ନିଜ କର୍ମରେ ତେଜିୟାନ, ନିଜ ତ୍ୟାଗରେ ବଳିୟାନ

ଆଉ ନିଜ ଧୈର୍ଯ୍ୟରେ ମହିୟାନ ।

ଏମିତି ଏକ ଭାବ
ଯାହାକୁ ପ୍ରକାଶ କରିବା ମନା
ନିଜକୁ ଦୁର୍ବଳ କରିବା ମନା, ଛାତି ଫଟେଇ କାନ୍ଦିବା ବି ମନା
ଆଖିର ଲୁହକୁ ଆଖିପତାର ଏରୁଣ୍ଡି ଡେଇଁବା ମନା
ମନର କୋହକୁ ଛାତିର ଅଭେଦ୍ୟ ପ୍ରାଚୀର ଡେଇଁବା ମନା
ଚ୍ଛେପ ଢୋକି ପଚ୍ଛେ ସ୍ମିତହାସ୍ୟ କରୁ
କିନ୍ତୁ ଅନ୍ତରର ଡରକୁ ଓଠର ଶିକୁଳି ଖୋଲିବା ମନା ।

ଏମିତି ଏକ ସ୍ୱର
ଯାହାର ସ୍ୱତନ୍ତ୍ରତା ହେଉଛି ତା' ନୀରବତା
ଶହେ ରାଗର ରାଗିଣୀରେ ଅଳଙ୍କୃତା ଭିନ୍ନ ଏକ କବିତା
କଠୋର ସାଧନାର ଉପଲବ୍ଧି - ପୁରୁଷାର୍ଥର ସଂହିତା
ଯାହାକୁ ଶୁଣିବା ପାଇଁ ଦରଦୀ ହୃଦୟଟେ ଲୋଡ଼ା
କୋଳାହଳରୁ ବହୁ ଉର୍ଦ୍ଧ୍ୱରେ ଏକାନ୍ତରେ
ଆଖି ସହ ଆଖି ମିଶେଇ ପଢ଼ି ପାରୁଥିବ ତା' ହୃତସ୍ପନ୍ଦନର ଗୀତା ।

ଏମିତି ଏକ ଅନୁଭୂତି
ଯେଉଁ ତ୍ୟାଗରେ ଥାଏ ଅନନ୍ୟ ଆତ୍ମସନ୍ତୁଷ୍ଟି
ଯେଉଁ କର୍ମରେ ଥାଏ ଅନନ୍ୟ ଆତ୍ମସିଦ୍ଧି ଆଉ
ଯେଉଁ ଧୈର୍ଯ୍ୟରେ ଥାଏ ଅସୀମ ଆତ୍ମବିଶ୍ୱାସ
ନାରୀର ନାରୀତ୍ୱକୁ ଅଖଣ୍ଡ ରଖିବାରେ,
ସନ୍ତାନର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାରେ
ଆଉ ସମାଜର ସ୍ୱାଭିମାନକୁ ଏକ ଶକ୍ତ କାନ୍ଧର ସାହାରା ଦେବାରେ ।

ଯୁଗ ଯୁଗ ଧରି ଆମ ସମାଜ ପୁରୁଷକୁ ଅପେକ୍ଷାକୃତ ଶକ୍ତ ବୋଲି ପ୍ରତୀୟମାନ କରି ଆସିଛି । ଶାରୀରିକ ସ୍ତରରେ ହୁଏତ କଥାଟି ଠିକ ହେଇପାରେ କିନ୍ତୁ ମାନସିକ ସ୍ତରରେ ଏ କଥାର କୌଣସି ଯଥାର୍ଥତା ନାହିଁ । ନିଜକୁ ଶକ୍ତ କରିବାରେ ଆଉ ଶକ୍ତ ବୋଲି ଉପସ୍ଥାପନ କରିବାର ଦୋଛକିରେ ବେଳେ ବେଳେ ଅନେକ ଦିଗହରା ହବାର ଦୃଷ୍ଟାନ୍ତ ମିଳେ ।

ଏମିତି ଏକ ଉପସ୍ଥାପନା
ଯାହା ଦୁର୍ବଳ ବୋଲି ନିନ୍ଦିତ ହବାର ଡରରେ
ମିଥ୍ୟାର କଠିନ ପରସ୍ତ ତଳେ ଏକ କୋମଳ ସତ୍ୟକୁ ଲୁଚାଇ ରଖେ
ନଦୀର କୁଳୁ କୁଳୁ ସ୍ରୋତ - ଯାହା ପଥର ଖଣ୍ଡକୁ
ବାଲି ଗରଡ଼ାରେ ପରିଣତ କରିବାର ସାମର୍ଥ୍ୟ ରଖେ
ତେବେ ଏ ନିନ୍ଦା କିମ୍ବା ଡର କ'ଣ ପାଇଁ?
ମଣିଷ ହେଇ ମଣିଷ ପ୍ରବୃତ୍ତିକୁ ପରିପ୍ରକାଶ କରିବାକୁ
ସମାଜର ଏ ପ୍ରତିବନ୍ଧକ କ'ଣ ପାଇଁ?
ଏବେ ସମୟ ଆସିଛି ଏ ପରିଚୟକୁ ଟିକେ ଭିନ୍ନ ଦୃଷ୍ଟିରେ ଗଢ଼ିବାର ।

ଏମିତି ଏକ ପରିଚୟ
ଯେଉଁଠି ତୁଳନା କମ୍, ଆଉ ସ୍ୱୀକୃତି ଅଧିକ ହେଉ
ପୁରୁଷର ସମକକ୍ଷ ନାରୀଟେ ନୁହଁ, ମଣିଷର ସମକକ୍ଷ ମଣିଷଟେ ହଉ
ମଣିଷର ପରିପୂରକ ମଣିଷଟେ ହଉ
ମଣିଷ ପରି ମଣିଷଟେ ହସୁ, କାନ୍ଦୁ ଆଉ ଆତ୍ମପ୍ରକାଶ କରୁ
ସର୍ବଶେଷରେ ସମାଜର ମାପଦଣ୍ଡ ପୁରୁଷ କି ନାରୀ ନୁହଁ
ମଣିଷଟେ ହଉ ।

- ଚିନ୍ମୟ କୁମାର ସାହୁ



ବାପା : ତ୍ୟାଗର ଅନ୍ୟନାମ

ରୋଜା ପଣ୍ଡା

କାର୍ଯ୍ୟାଳୟରେ ପୁରା ଦିନର କର୍ମ ବ୍ୟସ୍ତତା ଭିତରେ ମୁଁ ଆଜି ଠିକ ବୁଝିପାରୁଥିଲି ଜଣେ ଅନନ୍ୟ ବ୍ୟକ୍ତିତ୍ୱଙ୍କ ପରିଶ୍ରମ, ତ୍ୟାଗ ଆଉ ଦାୟିତ୍ୱକୁ । ସେ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି "ବାପା" । ମୋର, ଆପଣମାନଙ୍କର, ସମସ୍ତଙ୍କର "ବାପା" । ଯାହାଙ୍କ ବିନା ସବୁକିଛି ଅର୍ଥହୀନ, ନିସ୍ୱ । ଏହିସବୁ ଭାବନାରେ ପହଁରୁ ପହଁରୁ ହରି ମଉସା କଫି ନେଇ ମୋ ଚାମ୍ବର ଭିତରକୁ ଆସିଲେ । ତାଙ୍କ ହାତରୁ କଫି କପଟି ନେଇ ମୁଁ ପିଇବାକୁ ଲାଗିଲି । ଅଫିସରେ ପ୍ରୋଜେକ୍ଟ ଫାଇଲର ବୋଝ ଆଉ କମ୍ପୁଟରର ତୀବ୍ର ଲାଇଟ୍ ସାଙ୍ଗକୁ ନୂଆ ନୂଆ କେମିକାଲ ମିଶ୍ରଣ ପ୍ରକ୍ରିୟାର ଲାବ୍ରୋଟେରୀ ଭିତରେ ମୁଣ୍ଡଟା କାହିଁକି ଭାରି ଭାରି ଲାଗୁଥିଲା । ଏମିତି ଏକ ବିରକ୍ତିକର ପରିସ୍ଥିତିରେ ମନ ଖୋଜୁଥିଲା ଗରମ ଗରମ କଫି କପେ । ଯାହା ହେଉ ହରି ମଉସା ମନକଥା ବୁଝି ଠିକ ସମୟରେ କଫି କପଟିକୁ ବଢ଼ାଇଦେଲେ । ହରି ମଉସା କଫି ଦେଇ ବାହାରକୁ ଯିବାକୁ ପ୍ରୟାସ କରନ୍ତେ ମୁଁ ପଛରୁ ଡାକି ପଚାରିଲି, "ମଉସା ଆପଣ କ'ଣ ପୂଜାଛୁଟି ନେଇନାହାନ୍ତି କି? କହୁଥିଲେ ପୂଜାରେ ଛୁଟି ନେଇ ପିଲାମାନଙ୍କୁ ଦେଖିବାକୁ ଯିବେ । ହେଲେ କ'ଣ ହେଲା? ଆପଣ ଏଯାଏଁ ଡିଉଟି କରୁଛନ୍ତି । ଆଉ ଦୁଇଦିନ ରହିଲା ପୂଜା । ଘରପାଇଁ କିଛି କିଣାକିଣି କରିବାକୁ ଯାଇନାହାନ୍ତି କି?" ମୋ କଥା ଶୁଣି ମଉସା ମୁହଁ ଶୁଖେଇ ଉତ୍ତର ଦେଲେ, "ନାଁ, ଛୁଟି ନେବିନି, ବଡ଼ ବାବୁ କହୁଥିଲେ ଛୁଟି ନେଲେ ପଇସା କଟିବ ।

ଗୋଟିଏ ଦିନର ପଇସା କଟିଗଲେ ମୋ ପିଲାଛୁଆ ହଇରାଣ ହେଇଯିବେ ।" ଏତିକି କହି ହରି ମଉସା ଚାଲିଗଲେ । ମଉସା ସିନା ଚାଲିଗଲେ କିନ୍ତୁ ମୋ ମନଭିତରେ ଗୁଡ଼ାଏ ପ୍ରଶ୍ନ ଛାଡ଼ିଦେଇଗଲେ । ସେ ବି କାହାର ବାପା । ପିଲାଙ୍କ ପାଇଁ ଏଠି ବିନା ଛୁଟିରେ କାମ କରୁଛନ୍ତି ପୁରା ଦିନ । ଏ ଦୁନିଆ ସବୁବେଳେ ମାଆର ଜୟ ଜୟକାର କରେ କାରଣ ମାଆ ଜନ୍ମ ଦେଇଥାଏ ବୋଲି । ନଅ ମାସ ଗର୍ଭରେ ରଖିଥାଏ ବୋଲି । କିନ୍ତୁ କେହି କେବେ ଭାବିଛନ୍ତି ଯେ, ମାଆ ସିନା ନଅ ମାସ ଗର୍ଭରେ ରଖେ ପିଲାକୁ ଜନ୍ମ ଦେବାପାଇଁ ହେଲେ ଜଣେ ବାପା ପୁରା ଜୀବନ ପିଲାକୁ ନିଜ ମୁଣ୍ଡ ଭିତରେ ରଖେ ପିଲାର ଭବିଷ୍ୟତ ପାଇଁ । ମାଆ ରୋଷେଇ ଘରେ ଆମ ପାଇଁ ଯେଉଁ ଖାଦ୍ୟ ପ୍ରସ୍ତୁତ କରନ୍ତି ତାହା ଆମେ ଖୁସିରେ ଖାଇ ମାଆ ଆମର ଅର୍ଣ୍ଣଦାତ୍ରୀ ବୋଲି ଭାବୁ । ହେଲେ କ'ଣ କେବେ ଆମ ମନକୁ ଆସିଛି ଯେ ଯେଉଁ ଖାଦ୍ୟ ମାଆ ମାତ୍ର ଗୋଟିଏ ଘଣ୍ଟା ପରିଶ୍ରମ କରି ତିଆରି କରିଥାନ୍ତି ସେଇ ଖାଦ୍ୟର ଯୋଗାଡ଼ ପାଇଁ ଆମ ବାପା ତାଙ୍କର ପୁରା ଦିନ ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି । ବାପା ଏକ ଅବ୍ୟକ୍ତ ଶବ୍ଦର ଅସ୍ପଷ୍ଟ ଅକ୍ଷର । ଯାହାଙ୍କ ଆଶ୍ରୟର ବଳୟ ଭିତରେ ଥିଲେ ଲାଗେ ଯେମିତି ଦୁନିଆର ସବୁଠୁ ସୁରକ୍ଷିତ ସ୍ଥାନରେ ଆମେ ଅଛୁ । ଯାହାଙ୍କ ସାମ୍ନାରେ ସବୁ ଚିନ୍ତା, ଦୁଃଶ୍ଚିନ୍ତାର ଅନ୍ତ ହୁଏ । ଯାହାଙ୍କ ତାଗିଦ ଓ କଠୋରତା ପାଇଁ ଆମେ ଛୋଟ କଢ଼ିଟିଏରୁ ସୁନ୍ଦର ପ୍ରସ୍ଫୁଟିତ ଫୁଲଟିଏ ହେଇ ଦୁନିଆରେ ଏକ ସ୍ୱତନ୍ତ୍ର ପରିଚୟ ପାଇଥାଉ ।

ଦୁନିଆର ସବୁଠୁ ଶକ୍ତିଶାଳୀ ଶବ୍ଦ ହେଉଛି "ବାପା" । ଯାହା କେବଳ ଏକ ଶବ୍ଦ ନୁହେଁ, ହୃଦୟର ସାହସ । ଆମ ମନରେ ଉଙ୍କି ମାରୁଥିବା ସମସ୍ତ ଇଚ୍ଛାମାନଙ୍କୁ ଜୀବନ୍ତ ରୂପ ଦେଉଥିବା ଜଣେ ଭିନ୍ନ ଯାଦୁଗର । ବାପା କେବଳ ଏକ ଶବ୍ଦ ନୁହେଁ, ଏହା ଏକ ଅନନ୍ୟ ଅନୁଭବ ।

ଆଜି ଅଫିସରେ ଏଇ ଆଠ ଘଣ୍ଟିଆ ଡିଉଟିର ଥକା ଭିତରେ ମୁଁ ଠିକ ଅନୁଭବ କରିପାରୁଛି ଜଣେ ବାପାଙ୍କର ତ୍ୟାଗ ଆଉ କଷ୍ଟ । ମାଆ ସିନା କୋଳରେ ଧରିଥାଏ ନିଜ ସନ୍ତାନକୁ ଯାହା ଦୁନିଆର ନଜରକୁ ଆସିଯାଏ ହେଲେ ବାପା ଦୁନିଆର ନଜର ଆଡୁଆଳରେ ରହି ମଧ୍ୟ ମାଆ ଆଉ ସନ୍ତାନ ଉଭୟଙ୍କ ଭାରି ବୋଝକୁ ମୁଣ୍ଡରେ ମୁଣ୍ଡାଇ ପାଣି, ପଥର, କଣ୍ଟା ସବୁକିଛି ଅତିକ୍ରମ କରି ଚାଲିଥାନ୍ତି ଜୀବନ ରାସ୍ତାରେ ଆଗକୁ । କେବେ ତାଙ୍କ କ୍ଷତାକ୍ତ ପାଦର

ଯନ୍ତ୍ରଣାକୁ କିଏ ଅନୁଭବ କରିଛ କି? ଆଜି ଯେତେବେଳେ ଅଫିସରେ ମାତ୍ର ଅଳ୍ପ ସମୟ ମଧ୍ୟରେ ମଧ୍ୟାନ ଭୋଜନ ସାରିବାକୁ ଉପର କର୍ମଚାରୀଙ୍କଠାରୁ ଆଦେଶ ଆସୁଛି ସେତେବେଳେ ପିଲାବେଳ କଥା ଖୁବ ମନେପଡୁଛି । ପିଲାବେଳେ ଯେତେବେଳେ ମାଆ ଆଉ ମୁଁ ଘରେ ଟିଭି ଲଗେଇ ବିଭିନ୍ନ ପ୍ରକାର ଖାଦ୍ୟ ଆରାମରେ ବସି ଖାଉଥିଲୁ ସେତେବେଳେ ବାପା ନିଜ ଅଫିସରେ ମାତ୍ର ସ୍ୱଳ୍ପ ସମୟରେ ନିଜ ଖାଇବା ଶେଷ କରି କାମରେ ଲାଗିପଡୁଥିଲେ । ଆମେ ମାଆ ଆଉ ମୁଁ କାମ ସାରି କିଛି ସମୟ ବିଶ୍ରାମ ନେଉଥିଲୁ ସେତେବେଳେ କିନ୍ତୁ ବାପା ଗୋଟିଏ ଚେୟାର ଉପରେ ବସି ଅଫିସରେ ପୁରା ଦିନ କାଟିଦେଉଥିଲେ । ବାପା ସାରା ଜୀବନ ବିନା ବିଶ୍ରାମରେ କାଟୁଥିଲେ । ମାଆ ସିନା ଘରେ ସନ୍ଧ୍ୟାରେ ବହି, ସିଲଟ ଧରି ପାଠ ପଢ଼ାଉଥିଲେ ହେଲେ ବାପା ସେଇ ବହି, ସିଲଟ କିଣିବାପାଇଁ ଆଉ ସ୍କୁଲ ଦରମା ଦେବାପାଇଁ ପୁରାଦିନ ଅନ୍ୟ ପାଖରେ ଗୁଲାମୀ ଖଟୁଥିଲେ ।


ମାଆ ସିନା ଆମ ଶୋଇବା ପାଇଁ ମଖମଲି ଶେଯ ପକାଇଦେଉଥିଲେ କିନ୍ତୁ ବାପା ଆମକୁ ସୁଖ ନିଦ୍ରା ଦେବା ପାଇଁ କେଉଁ ଏକ କୋଣରେ ତଳେ ଶୋଇଯାଉଥିଲେ । ମାଆ ସିନା ସ୍ନେହ କରୁଥିଲେ କିନ୍ତୁ ବାପାଙ୍କ ତାଗିଦ ଆଉ ଗାଳି ଫଳରେ ଆଜି ଆମେ ଏତେ ଉପରେ ପହଞ୍ଚି ପାରିଛେ । ମାଆ ସିନା ସାବିତ୍ରୀ ପୂଜାରେ ମାମୁଁଘରୁ ଆସିଥିବା ନୂଆ ଲୁଗା ପିନ୍ଧିବାର ସୁଯୋଗ ପାଇଥାନ୍ତି କିନ୍ତୁ ବାପା ସବୁ ପୂଜା ତାଙ୍କ ଅଫିସରେ କାଟିଦିଆନ୍ତି ଅଧିକା ଦରମାର ଆଶାରେ, ମାଆ ଆଉ ଆମମାନଙ୍କ ପାଇଁ ନୂଆ କିଛି କିଣିବାର ଅଭିଳାଷାରେ । ମାଆ ସିନା ସ୍କୁଲ ଯିବାକୁ ରେଡ଼ି କରାନ୍ତି କିନ୍ତୁ ବାପା ଧୂଡ଼ ଧୂଡ଼ ଖରାରେ ଆମକୁ ମୁଣ୍ଡାଇ ସ୍କୁଲରେ ଛାଡ଼ି ଆସନ୍ତି । ଦୁଇବେଳା ମାଆ ଖାଇବା ପ୍ରସ୍ତୁତ ପାଇଁ ସକ୍ଷମ ହୁଅନ୍ତି କେବଳ ବାପାଙ୍କ ପାଇଁ କାରଣ ଏଇ ଦୁଇ ବେଳାର ଖାଦ୍ୟ ବ୍ୟବସ୍ଥା ପାଇଁ ବାପା ପୁରା ଜୀବନ ନିଜ ରକ୍ତକୁ ପାଣି କରି ପରିଶ୍ରମ କରିଥାନ୍ତି । ମାଆ ଯେଉଁ ପରିବା ଆଉ ସଉଦା ବ୍ୟବହାର କରନ୍ତି ରୋଷେଇ ପାଇଁ ସେଇ ପରିବା ଆଉ ଘରର ସଉଦାପତ୍ର କିଣିବାପାଇଁ ବାପା ଖରା, ବର୍ଷା ଆଉ ଶୀତ କାକରରେ ଦୋକାନ ଦୋକାନ ବୁଲିଥାନ୍ତି ଏବଂ ଘରକୁ ଫେରିଥାନ୍ତି ବିଲକୁଲ ଜଣେ କୁଲି ରୂପରେ । ପିଠି, ହାତ ଆଉ ମୁଣ୍ଡରେ ଆମପାଇଁ ସଉଦା ଓ ପରିବା ବୋହି ।

ବାପା ସମସ୍ତଙ୍କ ଦାୟିତ୍ୱର ଭାରି ବୋଝକୁ ମୁଣ୍ଡାଇ ମୁଣ୍ଡାଇ କେତେବେଳେ ଯେ ଅଣ୍ଟା ଭାଙ୍ଗି ବୁଢ଼ା ହୋଇଯାଆନ୍ତି ଆଉ ଆମେ ସେସବୁକୁ ନପରଖି ବାପାଙ୍କର ବାର୍ଦ୍ଧକ୍ୟ ଆସିଗଲା ବୋଲି ଅନୁମାନ କରିଥାଉ । ବାପା ହସନ୍ତି ଖୁବ କମ୍ କିନ୍ତୁ ଆମମାନଙ୍କ ଓଠରେ ହସର ଲହରୀ ଛୁଟାଇବା ପାଇଁ ସେ ଅବିରାମ ପ୍ରୟାସରତ ।

"ବାପା" ହେଉଛନ୍ତି କେତେଟା ଜୀବନ ସବାର ହେଉଥିବା ପରିବାର ରୂପକ ଡଙ୍ଗାର ଜଣେ କୁଶଳୀ ନାଉରି ।

ଗାଲରେ ଚାପୁଡ଼ାଟିଏ ବସିଲେ ମାଆ'ଲୋ ବୋଲି ପାଟିରୁ ବାହାରିପଡ଼େ ସିନା କିନ୍ତୁ ରାସ୍ତାରେ ବଡ଼ ଟ୍ରକ କି ବସ୍‌ଟିଏ ସାମ୍ନାକୁ ଆସିଗଲେ ବାପା'ଲୋ ବୋଲି ପାଟିରୁ ବାହାରିପଡ଼େ । କାହିଁକି ନାଁ ଛୋଟ ଛୋଟ ବିପଦରେ ମାଆ ମନେପଡ଼େ ସିନା କିନ୍ତୁ ବଡ଼ ବଡ଼ ବିପଦ ଆସିଲେ କେବଳ ବାପା ହିଁ ମନେ ପଡ଼ନ୍ତି । ବାପା ଏମିତି ଏକ ବରଗଛ ଯାହାର ଶୀତଳ ଛାଇରେ ପୁରା ଦୁନିଆ ଆଶ୍ରୟ ନିଏ । ଅଫିସରେ ପୁରା ଦିନ ଗୋଟିଏ ଚୌକିରେ ବସି କାମ କରିବାର କଷ୍ଟ ମାଆ ନୁହେଁ ବରଂ ବାପା ହିଁ ଭଲ ଭାବରେ ବୁଝିପାରିବେ । ଏତିକିବେଳେ ଫୋନ ବାଜିଉଠିଲା । ଆରପଟୁ ଶୁଣାଗଲା, "ଅଫିସରୁ ବାହାରିଲୁଣି, ନାଁ ଏଯାଏଁ କାମ ସରିନି?" ମୁଁ ଉତ୍ତରରେ କହିଲି, "ହଁ ବାପା ।"

- ରୋଜା ପଣ୍ଡା



ସୂଚନା: ଆମେ ଆମର କୁନି କୁନି ସାଥୀମାନଙ୍କ ପାଇଁ ନେଇ ଆସିଛୁ ଓଡ଼ିଆ ଗପ କବିତାର ନୂଆ ଏକ ୱେବ୍ ପୋର୍ଟାଲ୍, ଯେଉଁଥିରେ କେବଳ ସେମାନଙ୍କ ପାଇଁ ଗପ/କବିତା/ଗୀତ ଆଦି ଉପଲବ୍ଧ । ଆପଣଙ୍କର ପିଲାମାନଙ୍କୁ ଓଡ଼ିଆରେ ଗପକବିତାଦି ପଢ଼ାଇବାକୁ ଚାହୁଁଥିଲେ, ନିର୍ଦ୍ୱନ୍ଦରେ ଆମର ୱେବ୍ ପୋର୍ଟାଲ୍ **https://sishuraija.shubhapallaba.com**ରେ ପଢ଼ନ୍ତୁ ।



ସୁନାଝିଅ

ସଂଘମିତ୍ରା ରାଏଗୁରୁ

ସୁନାଝିଅର ରାଗ ନଥାଏ
ରୁଷା ନଥାଏ
ଭାବ ନଥାଏ
କି ଅଭାବ ବି ନଥାଏ

ଛାତିରେ ଛାତିଏ ଯନ୍ତ୍ରଣାର ବରଫ ମୁଣ୍ଡେଇ
ଓଠରେ ମାଖିଥାଏ ହସରୁ ଖିଏ

ଚିହ୍ନିଲା ମାଟି-ଅଚିହ୍ନା ଆକାଶ
ଅଣ୍ଟାଭଙ୍ଗା ଋତୁ - ପବନର ଧାସ
ସବୁରି ଦାୟରେ
ନିଜ ହଁ ଆଉ ନାହିଁକୁ ଦବେଇ
ବାରବାର କାହା ଲାଗି ବିକ୍ରି ହେଉଥାଏ

ରାସ୍ତା ଥାଏ
ପାଦ ଥାଏ
କାରଣ ଥାଏ
ଠିକଣା ବି ଥାଏ
ଦୁଷ୍ଟ ନହେବାକୁ ତାକୁ
କିଏ ରାଣ ଦେଇଥାଏ

- ସଂଘମିତ୍ରା ରାଏଗୁରୁ



କୋଣାର୍କ କହେ ଇତିହାସ

ଦେବେନ୍ଦ୍ର ସେଠୀ

ତାକୁ ଦେଖ !
ଆଉ ଦେଖିବାକୁ ଚେଷ୍ଟାକର
ତା'ର ସେଇ ଭଗ୍ନାବଶେଷକୁ
ଯେଉଁଠି ଖାଲି ମୁଠାଏ ମୁଠାଏ
ମରୀଚିକା ସଜାଏ ତା' ମୁହାଣରେ
ପାହାନ୍ତି କାକର ବୁନ୍ଦା ଉପରେ
ସୁନୀଳରୁ ସ୍ୱର୍ଣ୍ଣାଭ ସକାଳ ।
ଖୋଜ !
ଆଉ ତପ୍ତର ହୁଅ,
ଦେଖିବ ଝଲସି ଉଠିବ
ଧରମା ଲୀନ ହୋଇଥିବା ସେଇ
ରଥାକୃତି କୋଣାର୍କର ପ୍ରାଙ୍ଗଣର
ଅସଜଡ଼ା ମରୁଭୂମିର
ଭିଟା ରଣ ହୁଙ୍କାର ॥

ଆହାଃ...
କେଡ଼େ ମନୋହର ତା'ର
ଚିତ୍ରପଟ୍ଟରେ ଭରି ରହିଥିବା
ସେହି ନର, ନାରୀ, ଦେବତା
ମାନଙ୍କ ଅସ୍ତିତ୍ୱ ତିଆରି
ଚଳନ୍ତି ଖପୁରି ଭିତରେ
ଲୁଚିରହିଥିବା ବିଶୁମହାରଣାଙ୍କ
ବଟାଳିରେ ଖୋଦିତ ବାର ଶହ ବର୍ଷ କଥା ।

ହଁ ମୁଁ ଇତିହାସ...
ସମସ୍ତଙ୍କ ମନରେ ଆଙ୍କେ
ତମାମ୍ ଅତୀତଗୁଡ଼ିକୁ ବିଦ୍ରୋହୀର
ଆହ୍ୱାନ ଦେଇ,

ତମର କ'ଣ ମନେ ନାହିଁ?
ଧର୍ମକୁ ଆଗକୁ ନେଇ
ଖଣ୍ଡ ବିଖଣ୍ଡିତ କରିଥିଲା
ସେ ନିର୍ଲଜ, ବ୍ୟଭିଚାରୀ
ମିମାଂସୀ ପୁରୁଷ
ଯାହାର ନାଁ କଳା ପାହାଡ଼ !

ଦେଖୁନ !
ସେ ତ ଅଛି ଆଜିବି ଅଛି
ସେମିତି ମୁଣ୍ଡଟେକି
ପିଠି ତ ଡେରିନି କାହା କାନ୍ଧରେ,
ତଥାପି ଆମକୁ ଦେଖାଉନି
ତା' ଲଜ୍ଜିତ ହେବାର ରୂପ ॥

ଧିକ୍ ଆମ ଜୀବନ !!
ଲାଜ ଲାଗେ ଆଜି
କୋଣାର୍କ କହେ ଇତିହାସ ॥

- ଦେବେନ୍ଦ୍ର ସେଠୀ



ଆତ୍ମନିର୍ଭର ଟି-ସାର୍ଟ
ଶୁଭପଲ୍ଲବ
ଷ୍ଟୋରରେ ଉପଲବ୍ଧ

Buy Now!



ମୋ ଗାଁ ଡାକୁଛି

ସମିତା ସାହୁ

ସେ କହୁଛି ଗାଁକୁ ଫେରିଆ
କହୁଛି - ରାସ୍ତାସବୁ ପକ୍କା ଏବେ
ଆଉ କାଦୁଅ ହଉନି
ଆଉ ବିଜୁଳି କଟୁନି
ଓଦା ଗୋବର ଲିପା ଚଟାଣକୁ
ଘୃଣାକରୁ ପରା ! ଏବେ ତ ପକ୍କା ଘର,
ତୁ କ'ଣ ଆସିବୁନି?

ଗାଁ କେତେ ବଦଳି ଗଲାଣି
ଆଉ କ'ଣ ଥିବ ସେ ନଳକୂଅ
କଳଙ୍କି ଧରିଥିବ ମୋ ବାଟ ଚାହିଁ ଚାହିଁ,
ନାଇଁ, ଏବେ ତ ସବୁ ଘରେ
ବୋରୱେଲ୍
ତାକୁ ସବୁ ଭୁଲି ଯିବେଣି ।

ଆଉ ଭିଡ଼ ଜମୁନି
ପୋଖରୀ ତୁଠେ କି ନଈ କୂଳେ,
ଆଉ ପାହୁଡ଼ ମାଜୁନି କେହି
ସେ ତୁଠ ପଥରରେ,
ବୋଧହୁଏ ଶିଉଳି ଲାଗିଯିବଣି ।

ଘରେ ଘରେ ପଙ୍ଖା ଏବେ
ଖରାବେଳେ ଆସର ହଉନି
ଆମ୍ବଗଛ ମୂଳେ, ଦାଣ୍ଡ ପିଣ୍ଡାରେ...
ଆଉ କ'ଣ ଅଗଣାରେ ଶୋଇ ପାରିବି,
କାହାଣୀ ଶୁଣି ପାରିବି
ଜହ୍ନ ମାମୁଁ ଦେଖି ଦେଖି
କହ ମୁଁ ଗାଁ'କୁ ଫେରିଯିବି...

- ସମିତା ସାହୁ



ମୋ ପିଲାଦିନ

ବନଜ୍ଞା ବିଶ୍ୱାଳ


ସୁଦୂର ଆମେରିକାର ସିଆଟିଲ ସହର ଆଉ ତା'ର ଆଲକି ବେଳାଭୂମିରେ ଏକ ଗ୍ରୀଷ୍ମ ସନ୍ଧ୍ୟା । ଗାଡ଼ିଟି ପାର୍କ କଲା ପରେ ସ୍ୱାମୀ ଓ ଝିଅ ଚାଲିଗଲେ ସାଇକେଲ ଧରି ଆଉ ମୁଁ ଖୋଜି ବସିପଡ଼ିଲି ଏକ ନିରୋଳା ଜାଗାରେ ପଡ଼ିଥିବା ବେଞ୍ଚ ଉପରେ । ଦୂରରୁ ଅତି ସୁନ୍ଦର ଦିଶୁଥାଏ ସ୍ପେସ ନୀଡଲ । ଅସ୍ତ ସୂର୍ଯ୍ୟର ରକ୍ତିମ କିରଣରେ ନଭଚୁମ୍ବି ଅଟ୍ଟାଳିକାମାନ ଝଲସି ଉଠୁଥା'ନ୍ତି । ସୁଲୁସୁଲିଆ ଶୀତଳ ପବନ ସମ୍ପୂର୍ଣ୍ଣ ପରିବେଶରେ ମାଦକତା ଭରିଦେଉଥାଏ । ଏ ମନୋରମ ଦୃଶ୍ୟକୁ ଉପଭୋଗ କରୁକରୁ ମୁଁ ଚାଲିଗଲି ମୋ ହଜିଲା ପିଲାଦିନକୁ । ପରିବାର ସହିତ ରାଜଧାନୀ ଭୁବନେଶ୍ୱରରେ ରହୁଥିଲୁ । ବ୍ୟସ୍ତବହୁଳ ଜୀବନରେ ଥାଇ ସବୁବେଳେ ଅପେକ୍ଷାରେ ଥାଉ କେବେ ସ୍କୁଲ ଛୁଟି ହେବ ଆଉ ଆମେ ଗାଆଁକୁ ଯିବୁ । ଗ୍ରୀଷ୍ମ ଛୁଟି ହିଁ ଗୋଟିଏ ଲମ୍ବା ଛୁଟି । ବାର୍ଷିକ ପରୀକ୍ଷାର ଶେଷ ଦିନରେ ପରୀକ୍ଷା ସରିଲା ବୋଲି ଯେତିକି ଖୁସି ନଥାଏ ତା'ଠୁ ବେଶୀ ଖୁସି ଥାଏ ଆମେ ଗାଁକୁ ଯିବୁ ବୋଲି । ଆଉ ଗାଁରେ ପହଞ୍ଚିଲା ପରେ ଗୋଡ଼ ଯେମିତି ଆଉ ମାଟିରେ ଲାଗେନା ! ଆଗେ ଡେଇଁ ଡେଇଁ ଘେରାଏ ବୁଲି ଆସିବି । ଦାଦା ଖୁଡ଼ି ବଡ଼ବାପା ବଡ଼ବୋଉ ଅପା ଭାଇ ଜେଜେ ଜେଜେମା ସମସ୍ତଙ୍କୁ ଦେଖି ମନ ଖୁସିରେ ପୂରିଉଠେ । ସେମାନଙ୍କର ସ୍ନେହ ଶ୍ରଦ୍ଧା ବାନ୍ଧି ପକାଏ । କି ମଧୁରତା ଥିଲା ସେ ସ୍ନେହରେ ! କେତେ ନିଷ୍କପଟ ଥିଲା ସେ ଶ୍ରଦ୍ଧାରେ ସତରେ !!

ଗ୍ରୀଷ୍ମ ଛୁଟିରେ ରଜରେ ଭାରି ମଜା । ସକାଳୁ ସକାଳୁ ସଜ ହୋଇ ନୂଆ ଫ୍ରକଟି ପିନ୍ଧିକି ଆଗ ପ୍ରଜାପତି ପରି ପ୍ରିୟ ପରିଜନଙ୍କ ଘରଆଡ଼େ ବୁଲିଆସେ । ଆଉ ସେତେବେଳେ ମୁଁ ମୋ ନିଜକୁ କୋଉ ରାଜକୁମାରୀଠାରୁ କେବେ କମ ମନେକରେନି । ତା'ପରେ ଦୋଳି ଖେଳିଖେଳି ଆଉ ନାନା ପ୍ରକାର ପିଠା ପଣା ଖାଇଖାଇ ତିନିଦିନ କୁଆଡ଼େ ପଳାଏ ଜଣାପଡ଼େନି । ସେତେବେଳେ ନିଜ ବଗିଚାର ଆମ୍ବ, ଲଙ୍କାଆମ୍ବ ତୋଳି ଖାଇବାରେ ଯୋଉ ମଜା ଏବେକାର ବଜାରରେ ମିଳୁଥିବା ଫଳରେ କାହିଁ !! ସୂର୍ଯ୍ୟାସ୍ତରେ ଆମ ବାଡ଼ିରେ ଥିବା ଏକ ବିରାଟ ଘଞ୍ଚ ଖିରିକୋଳି ଗଛତଳେ ବସିବାକୁ ଭାରି ବଢ଼ିଆ ଲାଗେ । ଦୂର ଝାଉଁବଣରୁ ସୁଲୁସୁଲୁ ପବନରେ ଦେହ ଶିତେଇଉଠେ । ଆଉ ଟିକିଏ ମୁହଁ ଅନ୍ଧାର ହୋଇଗଲେ ଛାଟିପିଟି ହୋଇ ଘରକୁ ଦୌଡ଼ି ପଳାଏ । କିଏ ଜଣେ କହିଥିଲା କାଳେ ସେଠି ଗୋଟେ ଭୂତ ରହେ ଆଉ ଗୋଟେ ଛୋଟପିଲା ଏଥିରେ ଡରିବା ସ୍ୱାଭାବିକ କଥା । ଏସବୁ ମଉଜ ମଜଲିଶ ଭିତରେ କେତେବେଳେ ଛୁଟି ସରିଯାଏ ଜଣାପଡ଼େନି । ପୁଣି ଆମେ ଫେରିଆସୁ ସହରର ବ୍ୟସ୍ତ ବହୁଳ ଜୀବନକୁ ।

ଧୀରେଧୀରେ ବୟସ ବଢ଼ିବା ସାଙ୍ଗରେ ଆମେ ଆହୁରି ବ୍ୟସ୍ତହୋଇଯାଉ ନିଜର ସ୍କୁଲ ଟ୍ୟୁସନ ଆଉ କଲେଜରେ । ଗାଁ'କୁ ଯିବା ପ୍ରାୟ ବହୁତ କମିଯାଏ । ବର୍ଷରେ ଥରୁଟିଏ ବି ଯିବା ସମ୍ଭବ ହୁଏନି । ପାଠପଢ଼ା ସାରିବା ପରେ ବାହାଘର, ଶାଶୁଘର, ଚାକିରୀ ଆଉ ପିଲାଛୁଆ ସମ୍ଭାଳୁ ସମ୍ଭାଳୁ ଗାଁ'କୁ ଭୁଲିଯାଏ । ଘରଲୋକଙ୍କ ସଙ୍ଗେ କଥା ହେଲାବେଳେ କେବେ କେମିତି ପଚାରିଥାଏ ଗାଁ' କଥା ଆଉ ଶୁଣେ କାଳେ ମୋ ଗାଁ ଏବେ କୋଉ ସହରଠାରୁ ବି କମ ନୁହେଁ । ଲୋକମାନଙ୍କର ଜୀବନ ବଞ୍ଚିବାର ଶୈଳୀ ବଦଳିଯାଇଛି । ସେମାନେ ବି ଆଧୁନିକ ଯୁଗସହ ତାଳଦେଇ ଚାଲିବା ଶିଖିଗଲେଣି । ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ସହିତ ସାରା ପୃଥିବୀର ଖବର ଜାଣୁଛନ୍ତି । ଏହା ବଡ଼ ଖୁସିର କଥା କିନ୍ତୁ ମୁଁ କାହିଁ ଖୁସି ନୁହେଁ? ବୋଧହୁଏ ମୁଁ ଖୋଜୁଛି ମୋର ସେଇ ପୁରୁଣା ଗାଁ'କୁ ଯୋଉଠି ଥିଲା ସରଳ ଜୀବନଯାପନର ଏକ ନିଚ୍ଛକ ପ୍ରତିଚ୍ଛବି । ଏହା ଭିତରେ ଦୀର୍ଘ ତିରିଶ ବର୍ଷ ବିତିଯାଇଛି । ମୁଁ କେବେ ଗାଁ'କୁ ଯାଇନି । ଘରଲୋକ କେବେ କିଏ ଗଲେ ଫୋଟୋ ପଠାନ୍ତି । ଭାରି ନିରେଖି ଦେଖେ ସେ ଫୋଟୋଗୁଡ଼ିକୁ । ଲୋକଙ୍କୁ ଚିହ୍ନିବାକୁ ଚେଷ୍ଟାକରେ । ନା... କିଛି ମନେପଡ଼େନି । ସରକାରଙ୍କ ନୂଆ ନୂଆ ଯୋଜନା ସହିତ

ସୁପରସାଇକ୍ଲୋନ ମୋ ଗାଁ'ର ନକ୍ସା ବଦଳେଇ ଦେଇଛି । ବାଡ଼ିର ଖିରିକୋଳି ଗଛକୁ ଫୋଟୋରେ ଦେଖି ପିଲାଦିନ ଭୂତକଥା ମନେପଡ଼ିଯାଏ ଆଉ ଅଜାଣତରେ ମୁହଁରେ ହସଟିଏ ଖେଳିଯାଏ । ପିଲାଦିନର ପୁରୁଣା ସ୍ମୃତି ଆଖି ଆଗରେ ନାଚିଯାଏ । ମନହୁଏ, ଫେରିଯାନ୍ତିକି ସମୟର ଚକ୍ରରେ ଆଉ ସାଉଁଟି ଆଣନ୍ତି ସେ ଦୁର୍ଲଭ ମୁହୂର୍ତ୍ତରୁ କିଛି !!! ଏମିତି ଭାବୁଭାବୁ ମୋ ଝିଅର ଡାକରେ ଚମକି ପଡ଼ିଲି । କେତେବେଳୁ ସୂର୍ଯ୍ୟ ଅସ୍ତ ହୋଇଯାଇଥିଲେ ଆଉ ଅନ୍ଧାର ରାତିରେ ଦୂର ନଭଶ୍ଚୁମ୍ବୀ ଅଟ୍ଟାଳିକା ଗୁଡ଼ିକର ବିଜୁଳି ଆଲୋକରେ ଲେକ ୱଶୀଙ୍ଗଟନ ଝଲସି ଉଠୁଥିଲା । ଝିଅ କହିଲା "Mummy let's have some pizza tonight. I am very hungry." ଆଉ ସ୍ୱାମୀ ସେଥିରେ ସମ୍ମତି ଜଣାଇ ଯିବାକୁ ବାହାରିଲେ । ଘରକୁ ଫେରିବା ବାଟରେ ଭାବୁଥାଏ, ଯଦି ଏ ପିଲାମାନଙ୍କୁ ମୋ' ପିଲାଦିନର କଥା କହିବି କ'ଣ ସେମାନେ ତାକୁ ହୃଦୟଙ୍ଗମ କରିପାରିବେ !? ନା ହସରେ ଉଡ଼େଇଦେବେ ସେ ଖିରିକୋଳି ଗଛର ଭୂତ କଥା ଶୁଣି?? ଦୀର୍ଘନିଶ୍ୱାସଟେ ପକେଇ ମୁଁ ନିରବ ହୋଇଗଲି...

- ବନଜା ବିଶ୍ୱାଳ



ଆମାଜନ୍ କିଣ୍ଡଲ୍‌ରେ
ପ୍ରଥମ ଓଡ଼ିଆ ବହି

Buy Now!



ଘଟାନ୍ତର - ଇଚ୍ଛାମାନଙ୍କର

ସୋନାଲି ସୁଚରିତା

ଭାରି ବଦମାସ ଏ ଇଚ୍ଛାଗୁଡ଼ାକ !
ମସ୍ତିଷ୍କରୁ ଆରମ୍ଭ ହୁଅନ୍ତି,
ଆଉ ଖୁବ ଓସ୍ତାଦ ଭଳି ହୃଦୟକୁ ଚିପୁଡ଼ି ଦିଅନ୍ତି
ଏଇ ଯେମିତି,
ଇଚ୍ଛା ହୁଏ କେବେ ଉଡ଼ିଆସନ୍ତି କି ମିଶରର ସେଇ ଐତିହାସିକ ମରୁଭୂମିର ଉତ୍ତପ୍ତ ବାଲୁକା
ରାଶି ଉପରକୁ,
ଯେଉଁଠି ପିରାମିଡ୍‌ରେ ଶୋଇଛନ୍ତି ଆଦିମ ମମ୍ମି ସବୁ ଚିରନ୍ତନ ମୁକ୍ତିର ଅପେକ୍ଷାରେ,
ପୁଣି ଇଚ୍ଛା ହୁଏ,
ବିହଙ୍ଗ ହୋଇ ଉଡୁଥାନ୍ତି କି ନୀଳ ଭୂମଧ୍ୟ ସାଗର ଉପରେ
ସିଗଲମାନଙ୍କ ସାଥିରେ
ଛୁଇଁଯା'ନ୍ତି ଆକାଶର ସୀମାହୀନ ଦିଗବଳୟକୁ ହଜିଯାଇ ତା' ଗାଢ଼ ନିଳିମାରେ ।

କାଇଁ କେତେ ଇଚ୍ଛା ପୁଣି ମୋର,
ଫୁଟିଉଠନ୍ତି ନେଇ ପଳାଶର ରକ୍ତଲୋହିତ ବର୍ଣ୍ଣବିଭା
ଆଉ ପାଆନ୍ତି ଖୋଜି ନିଜକୁ ଗଙ୍ଗଶିଉଳିର ଭୁରୁଭୂରୁ ବାସ୍ନାରେ

ତ ଆଉ କେବେ ଝଟକୁଥାନ୍ତି ହୋଇ
ପାହାନ୍ତି ପହର ଅରୁଣିମାର ଶୁଭ୍ର-ପବିତ୍ର-ଶୋଭା ହୋଇ
ମୋ ସକାଳର ସ୍ୱପ୍ନରେ ।

ବୁଲୁଥାନ୍ତି କି ଗ୍ରୀସର ପାର୍ଥେନନରେ
ସହସ୍ର ସ୍ତମ୍ଭର ସମ୍ମିଳନୀରେ ଖୋଜନ୍ତି ମୁଁ ଦେବୀ ମିନର୍ଭାଙ୍କୁ
ମାଗନ୍ତି ଜ୍ଞାନର ଜ୍ୟୋତିରୁ କିଛି,
ସାଉଁଟି ଆଣନ୍ତି ମାନବିକତାର ଆଞ୍ଜୁଳାଏ ରଶ୍ମି ମୋ ଛୋଟ ପାପୁଲିରେ ।
କେବେ ନିଜକୁ ଦେଖିଛି ମୁଁ,
ତାଜମହଲର ଶଙ୍ଖ ମଲମଲ ମାର୍ବଲ ମୁକୁରରେ
ଆଉ କେବେ ପାଇଛି ନିଜକୁ ଅଜନ୍ତା ଏଲୋରାର ଗୁମ୍ଫା ଚିତ୍ରରେ
ସ୍ମୃତି କୋଷରେ ଆଜି ବି ବଞ୍ଚିଛି ଈଭ୍
ସେଇ ଆଡମର ପ୍ରେମିକା ନିଷିଦ୍ଧ ଫଳ ଖାଇ
ପାପର ମୂଳଦୁଆ ପକେଇଥିବା ମାୟାବିନୀ ନାୟିକା ।

ଇଚ୍ଛାର ଭିନ୍ନ ରୂପ ଭିନ୍ନ କେତେ ଚିତ୍ରପଟରେ ଜୀବନ କାନଭାସ
ତଥାପି ବଞ୍ଚିଛି ମୁଁ ନାରୀଟିଏ ହୋଇ
ସୃଷ୍ଟିର ସର୍ଜନାକୁ ସାର୍ଥକ କରିବାପାଇଁ ।

ଇଚ୍ଛାରୁ ସୃଷ୍ଟ ସ୍ୱପ୍ନକୁ ନିଜ ଛାତିରେ ଜଡ଼େଇ ଧରି
ଜୀବନ ଦାନ ଦେବାପାଇଁ ।

ଘଟାନ୍ତରର ଘନ ଅନ୍ଧକାର ପରେ,
ଆଲୋକର ପ୍ରାଞ୍ଜ ଆଭାସରେ
ଆଲୋକର ପ୍ରାଞ୍ଜ ଆଭାସରେ...

- ସୋନାଲି ସୁଚରିତା



ଲକ୍ ଡାଉନ୍

ସୁଧାଂଶୁ ଶେଖର ବଳ

ପ୍ରଧାନମନ୍ତ୍ରୀ ଯେବେଠୁ ଲକ୍ ଡାଉନ୍ ଘୋଷଣା କଲେଣି ସମସ୍ତ ସ୍କୁଲ, କଲେଜ ଓ କିଛି ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ବନ୍ଦ ହେଇ ଯାଇଛି । ସମସ୍ତେ ଏବେ ପ୍ରାୟ ଘରେ ।

ସ୍ୱାତୀ ଆଉ ସମର୍ ଦୁଇ ଜଣ ବି ଏବେ ଘରେ ଅଛନ୍ତି । ସେ ଦୁଇ ଜଣ ଟି.ସି.ଏସ୍ ସଫ୍ଟୱେୟର କମ୍ପାନୀରେ କାମ କରନ୍ତି । ଯେବେଠୁ କରୋନା ପାଇଁ ଲକ୍ ଡାଉନ୍ ହେଲାଣି ସେବେଠୁ ସ୍ୱାତୀ ଆଉ ସମର୍ ପ୍ରାୟେ ଘରୁ କାମ କରୁଛନ୍ତି । ଏଇ ଭୁବନେଶ୍ୱର ପାତ୍ରପଡ଼ାରେ ୨ ମହଲା ଘର । ଘରେ କହିଲେ ସ୍ୱାତୀ, ସମର୍ ଆଉ ସମର୍‌ଙ୍କ ବୁଢ଼ା ବାପା ରଙ୍କନିଧି ବାବୁ । ତାଙ୍କୁ ଆସିକି ବୟସ ୬୨ ଛୁଇଁଲାଣି । ଏଇ ୨ ବର୍ଷ ହବ ସେ ଓ.ୟୁ.ଏ.ଟିରୁ ଅବସର ନେଇଛନ୍ତି । ଏବେ ଦିନ କଟୁଛି ଘର ଚାରି କାନ୍ଥ ଭିତରେ । ପୁରା ଏକା ହେଇ ଯାଇଛନ୍ତି ସେ ।

ସମର୍ ମା'ଙ୍କୁ ଯିବା ଆଜିକୁ ୧୦ ବର୍ଷ ହେଇ ଗଲାଣି । ଗଲା ୨ ବର୍ଷ ତଳେ ସମର୍ ବାହାଘର ହେଇଛି । ଦୁଇ ଜଣ ଭାରି ଖୁସି ଆଉ ସୁଖ ଦାମ୍ପତ୍ୟ ଜୀବନଟେ ବିତାଉଛନ୍ତି । ସକାଳୁ ଦୁଇ ଜଣ ଏକା ସହିତ ବାହାରି ଯାଆନ୍ତି ଅଫିସ୍ ପାଇଁ ଆଉ ଫେରୁ ଫେରୁ ସନ୍ଧ୍ୟା ୬-୭ ବାଜେ । ଘରେ ଜଣେ ଚାକର ରଖିଛନ୍ତି ଯେ ବାପା ରଙ୍କନିଧିଙ୍କ ଖାଇବାଠୁ ଆରମ୍ଭ କରି ସବୁ ଦେଖା ଶୁଣା କରେ । କିନ୍ତୁ ସ୍ୱାତୀ ବାହା ହେଇ ଆସିବା ଦିନଠୁ କେବେ ହେଲେ ଶଶୁରଙ୍କ ସେବା କରିବାର

ସୁଯୋଗ ନେଇନି । ଯେତେବେଳ ବି ସମର୍ କହିଛି ସ୍ୱାତୀ କଥା ଆଡ଼େଇ ଦେଇଛି ନହେଲେ ମୁହଁ ଫୁଲେଇ ବସିଛି । ସେ ପରା ଚାକିରିଆ ବୋହୂ ସେ କେମିତି ସମୟ ଦବ !

ଦୁଇ ମହଲା କୋଠାରେ ଉପର ମହଲାରେ ରଙ୍କନିଧି ବାବୁ ରୁହନ୍ତି ଆଉ ତଳେ ସ୍ୱାତୀ ଆଉ ସମର୍ । ରଙ୍କନିଧି ବାବୁ ଅବସର ନେବା ପରେ ବେଶି କୁଆଡ଼େ ଆଉ ବାହାରୁ ନାହାନ୍ତି । ପୂଜା ପାଠ ଓ ବହି ପଢ଼ିବାରେ ସମୟ ବିତେଇ ଦିଅନ୍ତି । ଲକ୍ ଡାଉନ୍ ହେବା ଦିନଠାରୁ ସମର୍ ଏବେ ଘରେ । କେତେ ବା ଆଉ କାମ କରିବ !? ଅଫିସ୍ ଯାଉଥିଲା ସେଇଠି ସାଙ୍ଗସାଥୀ ଥିଲେ ସମୟ କଟି ଯାଉଥିଲା, ହେଲେ ଏବେ ଘରେ ବସି ବସି ବିରକ୍ତ ହେଇଗଲାଣି । ଘର ସାରା ଖାଲି ବୁଲୁଛି ।

ସେଦିନ ଶୁକ୍ରବାର ଥାଏ । ସମର୍ ୱାର୍କ ଫ୍ରମ୍ ହୋମ୍ କରୁଥାଏ । ଏତେ ବେଶି କାମ ନଥାଏ, ଭାବିଲା ଉପର ଘରୁ ଟିକେ ବୁଲି ଆସିବ । ଦେଖିବ ବାପା କ'ଣ କରୁଛନ୍ତି । ଛାତ ଉପରକୁ ଗଲା ସେଠି କିଛି ସମୟ ବୁଲି ଆସି ବାପାଙ୍କ ରୁମକୁ ଗଲା । ଦେଖିଲା ବାପା ତାଙ୍କ ରୁମ୍‌ରେ ନାହାନ୍ତି । ଭାବିଲା ବୋଧେ ପୂଜା କରୁଥିବେ ନହେଲେ ଗାଧେଇବାକୁ ଯାଇଥିବେ । ଫେରି ଆସୁଥିଲା, ହଠାତ୍ ତା' ଆଖି ବାପାଙ୍କ ଟି-ଟେବୁଲ୍ ଉପରେ ଅଧା ଖୋଲା ହେଇ ରହିଥିବା ଡାଇରୀ ଉପରେ ପଡ଼ିଲା । ବାପା ନଥିଲେ, ଭାବିଲା ଦେଖେ ବାପା ସବୁ କ'ଣ ଲେଖିଛନ୍ତି...

ରମ୍ୟା,

ଭାରି ଏକା ଲାଗୁଛି । ତମେ ତ ଏକା କରି ମତେ କେବେଠୁ ଚାଲିଗଲ । ଚାକିରି ଖଣ୍ଡେ ଥିଲା, କାମ ବ୍ୟସ୍ତତା ଭିତରେ ନିଜକୁ ହଜେଇ ରଖିଥିଲି ଆଉ ସମରର ଭବିଷ୍ୟ ଗଢ଼ି ତୋଳିବାକୁ ସମୟ ବିତେଇ ଦେଉଥିଲି । ତମ ସମର ଏବେ ବଡ଼ ହେଇ ଗଲାଣି; ସୁନ୍ଦର ବୋହୂଟେ ତା' ପାଇଁ ଆଣିଛି । ତମ ପସନ୍ଦ ଯେମିତି ଥିଲା ଠିକ୍ ସେମିତି । ବୋହୂ ବି ଖୁବ୍ ଭଲ । ସେମାନେ ଦୁହେଁ ଖୁବ୍ ଖୁସିରେ ଅଛନ୍ତି । ସମର୍ ବାହାଘର ପରେ ମୁଁ ଉପର ମହଲାରେ ଏକା ରହୁଛି । ରାତି ସରି ଦିନ କେତେବେଳେ ପାଉଛି ଜଣା ପଡୁନି । ତମର ମନେଥିବ ସବୁ ରବିବାର ସମର୍ କେମିତି ଜିଦ୍ଦି କରେ ବଜାର ଯିବାକୁ ମୋ ସହିତ ମଟନ୍ ଆଣିବାକୁ ଆଉ ମୁଁ ମନା କରିଲେ ମୋ ସ୍କୁଟର ଆଗରେ ଯାଇ ଠିଆ ହେଇଯାଏ !? ଶେଷରେ ମୋ ସହିତ ବଜାର ଯାଇ ମଟନ ଆଣେ ଆଉ

ଆସିଲା ବେଳେ ତା' ପ୍ରିୟ କ୍ୟାଡ଼ବରି ଚକୋଲେଟ୍ ନେଇକି ଆସେ । ଏବେ ଆଉ ସମର୍ ପାଖରେ ସମୟ ନାହିଁ । ରବିବାର ଦିନ ବି ସେ ବୋହୂ ସହିତ ବ୍ୟସ୍ତ ରହୁଛି । ମୁଁ ତା' ପାଇଁ ବହୁତ ଖୁସି; ହେଲେ, ସେ ସମରକୁ କାହିଁ ମୁଁ ଆଉ ଖୋଜି ପାଉନି । ସ୍ୱାତୀ, ତମ ବୋହୂ, ବହୁତ୍ କମ୍ ଆସେ ଉପରକୁ । କେବେ ଆମେ ଶଶୁର ବୋହୂ ହସ ଖୁସିରେ ପଦେ କଥା ହେଇନୁ ଆଜିଯାଏ । ସବୁ ସେ କାଳିଆର ଇଚ୍ଛା ! ଯେତେ ଦିନ ବଞ୍ଚିଛି ତା' ନାମ ଜପୁଥିବି ଆଉ ଶେଷରେ ତା'କୁ କହି ତମ ପାଖକୁ ପଳେଇ ଆସିବି ।

ଆହୁରି ଅନେକ କିଛି ଲେଖା ହେଇଥିଲା ହେଲେ ସମର୍ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା । ତା'ର ଆଉ ସାହସ ନଥିଲା ଆଗକୁ ପଢ଼ିବାକୁ । ତା' ଛୁଆବେଳ ଦିନଗୁଡ଼ିକ ଆଖି ଆଗରେ ସତେ ନାଚି ଯାଉଥିଲା ! କେତେ ଅଝଟ କରେ ସେ ସତେ !! ବାପାଙ୍କୁ ନ ଦେଖିଲେ ପାଗଳ ପରି ହୁଏ । ବାପା ଯଦି ଲେଟରେ ଅଫିସରୁ ଫେରନ୍ତି ସେ ସେମିତି ଅନେଇ ବସିଥାଏ ତାଙ୍କ ଆସିବା ବାଟକୁ । ତା' ଛାତି ଭିତରେ ସତେ ମୃଦୁ ଭୂମିକମ୍ପ ଅନୁଭବ ହଉଥିଲା । ସଙ୍ଗେ ସଙ୍ଗେ ତଳକୁ ଆସି ସ୍ୱାତୀକୁ ସବୁ କଥା କହି କାନ୍ଦି ପକେଇଲା । ସ୍ୱାତୀ ତା' ଭୁଲ ଆଜି ବୁଝି ପାରିଥିଲା ଆଉ ଖୁବ ଅନୁତାପ କଲା ।

ଆଜି ରବିବାର । ସମର୍ ଆଉ ସ୍ୱାତୀ ଆଜି ଅନେକ ପ୍ରକାରର ସୁସ୍ୱାଦୁ ଖାଇବା ପ୍ରସ୍ତୁତ କରିଛନ୍ତି । ମଟନ ନେଇକି ଆସିଛି ସମର୍ ଆଜି । ଲୋକ ଲଗେଇ ବାପାଙ୍କ ବେଡ୍‌ରୁମ୍ ତଳ ମହଲାକୁ ସିଫ୍ଟ୍ କରି ଦେଇଛି । ବାପା ଗାଧେଇ ଆସିଲା ବେଳକୁ ସ୍ୱାତୀ ଫୁଲ ଚାଙ୍ଗୁଡ଼ା ଧରି ପୂଜା ଘରେ ବାପାଙ୍କ ଅପେକ୍ଷା କରିଛି । ସମର ବାପାଙ୍କ କୁଣ୍ଢେଇ ପକେଇ ଖୁବ୍ ଜୋର୍‌ରେ କାନ୍ଦି କାନ୍ଦି ନିଜ ଭୁଲ୍ ସ୍ୱୀକାର କରିଛି । ବାପା ପୁଅ ବୋହୂ ଆଜି ଏକା ସହିତ ବସି ମଟନ ଝୋଳ ଭାତ ଆଉ ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଉଛନ୍ତି । ଘରଟା ଆଜି ପୂରିଲା ପୂରିଲା ଲାଗୁଛି ଆଉ କାନ୍ଥରେ ରମ୍ଭାଙ୍କ ଫଟୋ ସତେ ଯେପରି ମୁରୁକି ମୁରୁକି ହସୁଛି...

- ସୁଧାଂଶୁ ଶେଖର ବଳ

ମୋ ଭାଇ (ଜେଜେ)

ସମ୍ୟଜିତ ପାତ୍ର



ଦର୍ପଣ ଆଗରେ ମୋ ମୁଖରେ ଦେଖୁଅଛି ପ୍ରତିବିମ୍ବ ତୁମ
ତୁମ ସହ ମୋ ହସ ଆଜି ମିଶିଯାଏ ଆଶ୍ଚର୍ଯ୍ୟ ଅନେକ ।
ତୁମ ସ୍ନେହ ଆଦରରେ ଖେଳୁଥିଲି ମୁଁ ତୁମରି କୋଳରେ ଦିନେ,
ଆଜି ମୁଁ ଖୋଜି ହୁଏ, ଆନାମନା ହୋଇ, ମୋ ମନର ଭାବନା ଆଉ କିଏ ଜାଣେ ।

ସ୍ମିତ ହସ ତୁମ ମନେ ମୋ ପଡୁଛି ଏକାନ୍ତରେ ଥିଲାବେଳେ,
ନିଶାର ଗଭୀର ପ୍ରହରୀରେ ନିଦ୍ରାଭଗ୍ନ ହୁଏ, ଦୁଃଖରେ ମୁଁ ଭାଳେ ।
ସଂସାରର ସବୁ ସୁଖ (ଖୁସି) ଯେ ଅଜାଡ଼ି ଥିଲ ମୋ ପାଇଁ,
ଆଜି କିଆଁ ମୋ ଖୁସିର ସମୟେ ଛାଡ଼ି ଚାଲିଗଲ ଭାଇ (ଜେଜେ) !?

ସବୁ ବାର ମଧ୍ୟେ ଶୁକ୍ରବାର ମୋର ଥିଲା ଯେ ଅତିପ୍ରିୟ,
ଜାଣେ ଗାଁ ହାଟ ସାରି ସବୁଥର ପରି ମିଠା ଆଣିବ ତୁମେ ନିଶ୍ଚୟ ।
ଜାନୁଆରୀ ମାସ ମଧ୍ୟାନ୍ତରେ ତୁମ ସହ ଯାଉଥିଲି ମକରମେଳା,
ତୁମ ବିନା ଅସାର ସେ ଯାନିଯାତରା ବୁଡ଼ିଲାଣି ମୋ ମେଳା ।


ସୁଖଦୁଃଖ ବୋଲି ନାହିଁ କିଛି ଭବେ
ଅଟେ ସବୁ ବିକାର,
ତୁମ ପରି ବନ୍ଧୁ କିବା ଅଛି ଜଗେ
ବିଚଳିତ ହୁଏ ବାରମ୍ବାର ।

ହୃଦଫୁଟା ହସ ଭୁଲି ତ ଗଲିଣି ତୁମ ଅଭାବରେ,
ଚେଷ୍ଟା ନିତି କରେ ହସିବାକୁ ପୁଣି ତୁମବିନା ଏ ମେଦିନୀରେ ।
ଆଶିର୍ବାଦେ ତୁମ ଜିତିଛି ମୁଁ ଜୀବନ ଯୁଦ୍ଧ କେତେ,
ତୁମବିନା କିପରି ଚାଲିଲି ମୁଁ ଆଜିର ଏ ଇହ ଜଗତେ ।

ପର ଆପଣା ମଧ୍ୟେ ଯେ ନ ଦେଖି ତାରତମ୍ୟ
ସଭିଙ୍କୁ କର ନିଜର,
ପର ଆନନ୍ଦେ ଆନନ୍ଦିତ ହୁଅନ୍ତି
ଏ କଥା କି ଜାଣେ ଏ ସଂସାର ।

ନିଜ ଅଜାଣତେ ଯଦି କେବେ ଦେଇଥାଏ ତମ ମନରେ ଦୁଃଖ,
କ୍ଷମାଦେବ ତୁମେ ହୃଦେ ସ୍ଥାନ ଦେଇ ଭାବି ମୋତେ ଗୋଟେ କୁନିମୁର୍ଖ ।

- ସମ୍ୟଜିତ ପାତ୍ର





ଶେଷ ସନ୍ତକ

ପ୍ରୀତିସୀମା ସ୍ୱାଇଁ

ସକାଳୁ ସକାଳୁ ବୋଉ ଯେତେ ଡାକିଲେ ବି ରିମା ବିଛଣା ଛାଡୁ ନଥାଏ । ବରଂ ବୋଉ ଉପରେ ବିରକ୍ତ ହୋଇ ପୁଣି ଘୋଡ଼େଇ ହେଇ ଶୋଇପଡ଼େ । ଆଜି କ'ଣ ହେଇଛି କେଜାଣି ସେ ଭାରି ଚିଡୁଛି । ଘଣ୍ଟାରେ ୯ଟା ବାଜିବା ଯାଏ ସେ ବିଛଣାରେ ପଡ଼ି ରହିଛି । ବୋଉ ବହୁତ କରି କହିଲା, "ଆଲୋ ଯା' ଗାଧେଇ ଆସିବୁ, ନହେଲେ ଭାଇ କାମକୁ ଚାଲିଯିବ । ତୁ ଆଉ ରାକ୍ଷୀ ବାନ୍ଧିପାରିବୁନି ।" ଉଠିଲା ସିନା ହେଲେ ତା'ର ଏକା ଜିଦ୍, "ଭାଇ ଆଗବର୍ଷର ରାକ୍ଷୀ ଗିଫ୍ଟ ଯାହା ବାକି ରଖିଛି, ଦେଇସାରିଲେ ମୁଁ ତା' ହାତରେ ରାକ୍ଷୀ ବାନ୍ଧିବି । ନହେଲେ ରାକ୍ଷୀ ବାନ୍ଧିବିନି । ସେଦିନ କହିଥିଲା ମୋ ପାଇଁ ଗୋଟେ ଡ୍ରେସ ଆଣିଦେବ, ହେଲେ ଆଣିଲାନି । ସବୁବେଳେ ଏମିତି ଠକି ଚାଲିଛି । କଲେଜରେ ସବୁ ସାଙ୍ଗ ଦାମୀ ଦାମୀ ଜିନିଷ ବ୍ୟବହାର କରୁଛନ୍ତି । ମୋର କିଛି ନାହିଁ । ସେମାନେ ନିଜ ଜିନିଷ ଦେଖେଇଲା ବେଳେ କହନ୍ତି ମୋ ବାପା ଆଣିଥିଲେ, ଭାଇ ଆଣିଥିଲେ, ଆଉ ମୁଁ ଚୁପ ରହେ । ମତେ ଲାଜ ଲାଗେ ।"

ବୋଉ ଆଖିରେ ଆଖିଏ ଲୁହ ଗଡ଼ିବ ଗଡ଼ିବ ହେଇ ରହିଥାଏ । କହିଲା, "ଆଲୋ ତତେ ପଢ଼େଇବା ପାଇଁ ସେ ପାଠ ଛାଡ଼ିଲା । ମୋ ରାଜା ଭଳିଆ ପୁଅଟା ଆଜି ଶୁଖିକି କଣ୍ଟା ହେଇଗଲାଣି ।" ରାଜା ସବୁ ଶୁଣୁଥାଏ ଦେଖୁଥାଏ ହେଲେ ଚୁପ ରହିଥାଏ । ରାଗିକି ଯଦି ରିମାକୁ ପଦେ କହିବ ରିମା ମନଉଣା କରିବ । ଆଉ ତା' ଛାତିର କଲିଜା ସାନ ଭଉଣୀକୁ ବାପ ଛେଉଣ୍ଡର

ଦୁଃଖ ଅନୁଭବ ହେବ । ରାଜା ଭଉଣୀକୁ କହିଲା, "ତୁ ଆଜି ରାକ୍ଷୀ ବାନ୍ଧିଦେ ଆରବର୍ଷର ବାକିଆ ଗିଫ୍ଟ ଆଉ ଆଜିର ଗିଫ୍ଟ ମୁଁ ଏବେ ଦେଇଦେବି ।"

ରିମା ତରତର ହୋଇ ରାକ୍ଷୀ ବାନ୍ଧିଦେଲା, ଆଉ ଆଖି ବୁଜି ଆଗକୁ ହାତ ଦେଖାଇ ପାଉଣା ପାଇଁ ଅପେକ୍ଷା କରିଲା । ଭାଇ ଘର ଭିତରୁ ରିମାର କିଛି ପୁରୁଣା ଡ୍ରେସ ଉଠେଇ ଆଣି ତା' ହାତରେ ଧରେଇ ଦେଲା ଆଉ କହିଲା ଯା ଭିତରେ କୋଉ ଡ୍ରେସ ତୋ' ପାଇଁ ମୁଁ ଆଣିନି ଖୋଜିଦେଲୁ, ରିମା ଏବେ ଚୁପ ରହିଲା । ମନେମନେ ଭାବିବାକୁ ଲାଗିଲା, "ସତେତ ଭାଇ ସବୁ ପର୍ବପର୍ବାଣୀରେ ମତେ ଡ୍ରେସ ଗିଫ୍ଟ କରେ । ମୁଁ କହିବା ଆଗରୁ ମୋର କ'ଣ ଦରକାର ସେ ବୁଝିଯାଏ । ରାକ୍ଷୀପାଇଁ ପୁଣି ଗିଫ୍ଟ କ'ଣ ମାଗିବି ଯେ? ରିମା ଭାଇର ଏଇ ଗୋଟେ ପଦ କଥାରେ ଛୋଟରୁ ବଡ଼ ହୋଇଗଲା । ଜିଦ କରିବା, ଅଳି କରିବା ସବୁ ଭୁଲିଗଲା ।"

ଭାଇ ଯିବାବେଳେ, ରିମା କିଛି ଏମିତି ଶୁଣିଲା ତା ଆଖି ଜକେଇ ଆସିଲା । ଭାଇ କହୁଥିଲା, "ବୋଉ ଏଇ ୨୦୦୦ ଟଙ୍କା ରିମାକୁ ଦେଇଦେବୁ, ନିଧି ସାହୁ ଦୋକାନର ବାକିଆ ଟଙ୍କା ଦେବାକୁ ରଖିଥିଲି । ସେ ପାଞ୍ଚଥର କହିଲାଣି, ହେଇ ହେଇ ଆଉ ଦୁଇଥର କହିବ ମୁଁ ସେ ବ୍ୟବସ୍ଥା କରିବି । ସେଇ ତ ଗୋଟେ ଛୁଆ ଅଛି ଅଳି କରିବ, ମୁଁ କ'ଣ ଆଉ ଛୁଆ ହେଇକି ଅଛି? ରିମାର ଅସଲରେ ଗିଫ୍ଟ ନୁହେଁ ମୋ ସହ ଝଗଡ଼ା କରିବା ବେଶୀ ଦରକାର । ମୋ ସହ ଝଗଡ଼ା ନହେଲେ ଆମ ଦୁହିଁଙ୍କ ଦିନ ପୁରା ହୁଏନି । ତୁ ତାକୁ କେବେ ବି ଆକଟ କରିବୁନି ଅଳି କରିବାକୁ । ମୁଁ ଯୋଉ ଜୀବନ ଜିଇଁ ପାରିନି ମୁଁ ତାକୁ ସେଥିରୁ ବଞ୍ଚିତ ହେବାକୁ ଦେବିନି । ରାକ୍ଷୀବାନ୍ଧି ସେ ତା' ସୁରକ୍ଷା ଆଉ ଖୁସିର ଭରସା ମତେ ମାଗିଛି, ତା' ଖୁସିପାଇଁ ମୁଁ କିଛି ବି କରିପାରିବି ।"

ବୋଉ ପଚାରିଲା, "ତୋ ପାଖରେ ମାସ ଶେଷକୁ ତ ପଇସା ନଥାଏ, ଏତେ ଟଙ୍କା କୋଉଠୁ ଆଣିଲୁ?" "ବୋଉଲୋ ନିଧିସାହୁର ଏତେଥର ଟଙ୍କା ଦେବାକଥା ଶୁଣି ମୋ ପାଇଁ ବାପାଙ୍କ ଶେଷ ସନ୍ତକଟି ମୁଁ ବିକିଦେଲି ।" ରିମା ଆଖିର ସ୍ୱପ୍ନ ସବୁ ଏବେ ଝାପ୍ସା, ଆଖି କିଆରୀର ବନ୍ୟା କୂଳରୁ ଉଛୁଳି ଚାଲିଲା । ସେ ଦଉଡ଼ି ଆସି ଭାଇକୁ କୁଣ୍ଢେଇ ପକେଇଲା ଆଉ କହିଲା, "ଭାଇ ମୋର କିଛି ଦରକାର ନାହିଁ, ତମେ ମୋ ପାଇଁ ସବୁକିଛି ।"

- ପ୍ରୀତିସୀମା ସ୍ୱାଇଁ



ଶେଷ ପ୍ରଶ୍ନ... ତୁମକୁ

ସୁଷମା ପରିଜା


ତୁମେ ଥିଲ ସମସ୍ତଙ୍କଠୁ ଭିନ୍ନ
ସ୍ଥିତଧୀ, ଦରଦୀ ମଣିଷଟିଏ
ଯିଏ ମାନବତାର ମୂଲ୍ୟ ବୁଝିଥିଲା
ଶୈଶବରେ ଧୂଳି ଖେଳବେଳେ
କାହା ଦେହରେ କ୍ଷତଟିଏ ହେଲେ
ତୁମ ଆଖିରେ ଲୁହ ଆସୁଥିଲା,
ଗାଆଁରେ ଖୁବ୍ ନିକଟରୁ ଦେଖିଥିଲ
ଦାରିଦ୍ର୍ୟର ଯନ୍ତ୍ରଣା ଆଉ ଅସହାୟତାକୁ,
ଗୌତମ ବୁଦ୍ଧଙ୍କ ଭଳି ବ୍ୟସ୍ତ, ବ୍ୟଥିତ ହୋଇ
କହୁଥିଲ, ଏମାନଙ୍କୁ ଏମିତି ମରିବାକୁ ଦେବିନି ମୁଁ ।
ଏଇଠୁ ତିଆରିବି ସ୍ୱର୍ଗ ସେମାନଙ୍କ ପାଇଁ,
ହସିବ ମୋ ଗାଆଁ, ମୋ ମାଆ, ମୋ' ମାଟି ମା'
ଆଉ ମୋ' ମାଟି ମାଆର ସନ୍ତାନମାନେ ।
ମାନବ ସେବା ଥିଲା ତୁମ ଜୀବନର ବ୍ରତ,

ବାଲ୍ୟ କାଳରୁ ତୁମର ଲକ୍ଷ୍ୟ ଥିଲା
ଡାକ୍ତର ହେବି, ଜନ ସେବା କରିବି ॥
ଉତ୍କଟ ଦାରିଦ୍ର୍ୟ କି ମଫସଲ ଗାଆଁର
ଅସୁବିଧା ମଧ୍ୟ ତୁମକୁ ତିଳେ ହେଲେ ବି
ବିଚ୍ୟୁତ କରି ପାରିନଥିଲା ତୁମ ଲକ୍ଷ୍ୟ ପଥରୁ,
କଟକର ନିପଟ ମଫସଲିଆ ଗାଆଁରୁ
ତୁମେ ଉଡ଼ାଣ ଆରମ୍ଭ କରି, ଡାକ୍ତର ହୋଇ
ଅକ୍ଲେଶରେ ପହଞ୍ଚି ଥିଲ ବ୍ରହ୍ମପୁରର
ମହାରାଜା କୃଷ୍ଣଚନ୍ଦ୍ର ଗଜପତି
ମେଡିକାଲ କଲେଜ ଓ ହସ୍ପିଟାଲରେ ॥
ପାହାଚ ପରେ ପାହାଚ ଅତିକ୍ରମ କରି
ସଫଳତାର ଶୀର୍ଷକୁ ଯାଇ ଗତବର୍ଷ
ତୁମେ ଆମକୁ ନେଇ ପହଞ୍ଚିଥିଲ ଦିଲ୍ଲୀ
ବଡ଼ ଡାକ୍ତର ହୋଇ ଦିଲ୍ଲୀ ହସ୍ପିଟାଲରେ ॥
ଭୀମଭୋଇଙ୍କ ଭଳି ଜଗତ ଉଦ୍ଧାର କରୁକରୁ
ତୁମ ଉପରେ କେମିତି କେଜାଣି ସେଦିନ
ଅଦୃଶ୍ୟରୁ ଖସି ପଡ଼ିଲା ଶତ୍ରୁର ତୀକ୍ଷ୍ଣ ଖଡ୍ଗ,
ତୁମେ କରୋନା ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହେଲ,
ଦିଲ୍ଲୀର ରାଜୀବଗାନ୍ଧୀ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ,
ଆଉ ମୁଁ, ତୁମରି ପ୍ରାଣପ୍ରିୟା ପତ୍ନୀ, ବାଧ ହେଲି
ଆମ ପ୍ରେମର ଏକମାତ୍ର ସନ୍ତକ ଆମ ଝିଅକୁ ଧରି
ଓଡିଶାକୁ ଫେରି ଆସିବା ପାଇଁ ॥
କାଇଁ ଥରେ ହେଲେ କହିଲ ନାହିଁ ତ,
ପ୍ରିୟେ ! ଏଇ ଆମର ଶେଷ ଦେଖା ବୋଲି,

ଏଠି ମୁଁ କିମ୍ବ କୋଭିଡ୍ ହସପିଟାଲ୍‌ରେ ବନ୍ଦୀ,
ଜାଣେନା ଆମ ଝିଅ ଏଇଠି କୋଉ ଶଯ୍ୟାରେ ବନ୍ଦୀ, ହେଲେ, ତମେ?
ମୁହୁର୍ତ୍ତଟିଏ ମତେ ପାଖରୁ ଛାଡୁନଥିବା
ମୋର ପତିପରମେଶ୍ୱର,
କେମିତି ଆମକୁ ଅଥଳ ସାଗର ମଝିରେ
ଏକା ଛାଡ଼ି ଚାଲିଗଲ କେଉଁ ଅଫେରା ରାଜ୍ୟକୁ?
କେଉଁ ଅଭିମାନରେ ଶେଷ ଦେଖା ବି ଦେଲ ନାହିଁ?
ସେଇ ପରଦେଶରେ ହଜିଗଲ,
ଲୀନ ହୋଇଗଲ ପଞ୍ଚଭୂତରେ?
କେମିତି ବଞ୍ଚିବି ମୁଁ !? କେମିତି ବଞ୍ଚିବ ଆମ ଝିଅ?
କେମିତି? କେମିତି?? କେମିତି???
ଥରେ ହେଲେ ତ କୁହ... କୁହ ନା...

(ଆମ ବାଙ୍କୀ ମାଟିର ଗର୍ବ ଆଉ ଗୌରବ କରୋନା ଯୋଦ୍ଧା ସ୍ୱର୍ଗତ ଡାକ୍ତର ଶ୍ରୀ ଅଶ୍ୱିନୀ କୁମାର ପ୍ରତାପଙ୍କ ସ୍ମୃତିରେ । ଦିବଂଗତ ଆତ୍ମାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି)

- ସୁଷମା ପରିଜା



ରଥଯାତ୍ରା ସଂସ୍କରଣ

Buy Now!



ହସର ଜହ୍ନ

ଆଶୁତୋଷ ମେହେର

ଆକାଶେ ହସଇ ହସକୁରି ଚାନ୍ଦ
ସୁନାର ମୁକୁଟ ପିନ୍ଧି
ତା' ରୂପ ମାଧୁରୀ ମନେ ଲାଖିଯାଏ
ପ୍ରେମ ଫାଶେ ଦିଏ ଛନ୍ଦି ।

ହସ ଭରେ ଲେସା ଲାବଣ୍ୟ ମାଧୁରୀ
ମନ ନେଉଥାଏ କିଣି
ଅନାଇଁ ରହିଲେ ରାତି ପାହିଯାଏ
ସମୟ ସରେନା ଜାଣି ।

ଦେଖି ଚାହିଁ ଯାଉ ଜୀବନ ମୋ ବିତି
ପ୍ରେମ ଏ' ସୁଆଦ ଭିନ୍ନ
ପ୍ରେମିକ ଜୀବନେ ବୁଢ଼େନା କେବେ ତ
ପୁନେଇଁ ହସର ଜହ୍ନ ।

- ଆଶୁତୋଷ ମେହେର

Shubhapallaba Store

Odisha Handloom Face Mask for COVID19
Now Available at store.shubhapallaba.in



ଆପତ୍ତି

ବିମ୍ବାଧର ମହାପାତ୍ର

ଗରିବ ସବୁବେଳେ ଗରିବ । ପ୍ରଶାସନ ହେଉ କି ସମାଜର ତଥାକଥିତ ବଡ଼ଲୋକ ହୁଅନ୍ତୁ, ସବୁବେଳେ ସବୁ ସମୟରେ ଦାଉ ସାଧିଥାଆନ୍ତି ଏମାନଙ୍କ ଉପରେ । କଥାରେ ଅଛି ପରା, ଜୋର ଯାହାର ମୂଳକ ତାହାର...

ଦୟାନିଧି ଦୁଃଖୀ ମଣିଷଟିଏ । ଘରଡିହ ଖଣ୍ଡେ ନାହିଁ । ମୂଲ ମଜୁରି କରି ପେଟ ପୋଷେ । ପରିବାର କହିଲେ, ସ୍ତ୍ରୀ, ଗୋଟିଏ ପୁଅ, ଗୋଟିଏ ଝିଅ । ସେଇ ମୂଲିଆ ମଜୁରୀରୁ ଅନେକ ସୁଖ ସାଉଁଟିଛି ଦୟା । ଗାଁ ମୁଣ୍ଡରେ ଅନାବାଦୀ ଜମିରେ ଘରଖଣ୍ଡେ କରିଛି । ଚାଳ ଛପର ଘର । ସୁନ୍ଦର ଭାବେ ତାକୁ ଝୋଟି ଚିତା ପକେଇ ଦୟାର ସ୍ତ୍ରୀ ତାକୁ ସଜେଇଛି । ଘର ନୁହେଁତ ମନ୍ଦିରଟିଏ ତିଆରି କରିଛନ୍ତି ଉଭୟେ ! ସେଇ ଗାଁ'ର ମଣିଷ ନରେଶ ବିଶ୍ୱାଳ ଜଣେ ଧନୀ ଶ୍ରେଣୀର ବ୍ୟକ୍ତି । ଟଙ୍କା ପଇସା ସହିତ ଅଜସ୍ର ଧନସମ୍ପତ୍ତି । ଆଖି ଯୁଆଡ଼େ ବୁଲେଇବ, ତାଙ୍କର ଜମିବାଡ଼ି, କୋଠାବାଡ଼ି । ଏତେ ଧନସମ୍ପତ୍ତି ମଧ୍ୟରେ ମଧ୍ୟ ଭଗବାନ ତାଙ୍କୁ ପିଲାଛୁଆ ଦେଇ ନାହାନ୍ତି; ତଥାପି ପର ସମ୍ପତ୍ତି ଉପରେ ଭାରି ଲୋଭ । ସେ କେବେ କାହାର ସୁଖ ଦେଖି ପାରନ୍ତି ନାହିଁ ।

ନରେଶ ବିଶ୍ୱାଳର ଆଜି ଆଖି ପଡ଼ିଛି ଦୟାନିଧିର ସୁଖର ସଂସାର ଉପରେ । ଭାଙ୍ଗିବାକୁ ଚାହିଁଛି ଝାଟି ମାଟିର ଘରକୁ ! ମୋ ଜମି ଏଇଟା କହି କେତେଥର ଧମକ ଦେଲାଣି ତ ପ୍ରଶାସନର ଧମକ ଦେଖେଇ ଡରେଇଲାଣି । ବିଚରା ଦୟା କ'ଣ କରିବ କିଛି ବୁଝି ପାରୁନଥାଏ । କେମିତି ଏ

ନରରକ୍ଷାସ କବଳରୁ ନିଜର ଘରଖଣ୍ଡିକ ବଞ୍ଚାଇବ ସେଥିପାଇଁ ସବୁଦିନେ ଯାଇ ଗାଁ ଠାକୁରାଣୀଙ୍କ ପାଖରେ ମୁଣ୍ଡିଆ ମାରି ଗୁହାରି କରେ । ଗାଁ ମୁଖିଆଙ୍କୁ ମଧ୍ୟ କେତେଥର କହିଲାଣି, ହେଲେ ଭଗବାନ ଆଉ ଗାଁ ମୁଖିଆ ଯେମିତି ନରେଶ ପାଖରେ ବନ୍ଧା ପଡ଼ିଛନ୍ତି !

- ହେଇଟି ଦେଖିଲ

- ହଁ ! କ'ଣ ହେଲା?

- ଦେଖିଲ ଦେଖିଲ ସେଇ ହାତୀ ଶୁଣ୍ଢପରି ଯନ୍ତ୍ରଟା କଣ ଆମ ଆଡ଼େ ଆସୁଛି !

- ସେ ଆମ ଆଡ଼େ କ'ଣ ପାଇଁ ଆସିବ, ସେ କୁଆଡ଼େ ଯାଉଥିବ, ଦେଲ ଦେଲ ପଖାଳ ଗଣ୍ଡାଙ୍କ ଖାଇ କାମକୁ ଯିବି ପରା !

- ହଉ ବସ, କେତେବେଳୁ ବାଢ଼ିକି ରଖିଛି

ଦୟା ପଖାଳ କଂସାରେ ବସିଛି, ଘଂ ଘଂ କରି ମେସିନଟା ତା' ଘର ମୁଁହରେ ଆସି ଛିଡ଼ା ହେଇଗଲା । ଆଉ ପାଖରେ ନରେଶ ବିଶ୍ୱାଳ ସହିତ କାଗଜ ଧରିଥିବା ଗୋଟେ ଲୋକ ଛିଡ଼ାହେଇ ଥାଏ । "ଦୟା ଦୟା ତୁରନ୍ତ ଏ ଜାଗା ଖାଲି କର ମୋ ପାଖରେ ଏ ଜାଗାର ସବୁ କାଗଜ ପତ୍ର ଅଛି, ଏଇଟା ମୋ ଜମି..." ପାଟିକରି କହୁଥାଏ ନରେଶ ବିଶ୍ୱାଳ । "ଅଧଘଣ୍ଟା ଭିତରେ ଖାଲିକର, ନହେଲେ ଘରଭାଙ୍ଗି ଚୁରମାର କରିଦେବୁ..."

ଦୟା ଆଉ ତା' ପରିବାର କେତେ ନେହୁରା ହେଲେ । ହେଲେ କ'ଣ ହେବ, ମୁହୂର୍ତ୍ତକ ମଧ୍ୟରେ ତିଆରି କରିଥିବା ଘରଟା ତାସଘର ପରି ଭାଙ୍ଗି ଚୁରମାର ହେଇଗଲା ।

କାଗଜ ଧରିଥିବା ବାବୁ ଜଣଙ୍କ ଦୟାକୁ କହିଲେ, "ତୁମର ଯାହା ଆପତ୍ତି ଅଛି, କାଲି ଆସି ଅଫିସରେ ଦେଖାକର !" ଦୟା ଦୁଇଟୋପା ଲୁହ ଝରେଇ କହିଲା, "କ'ଣ ଆଉ ଆପତ୍ତି କରିବି ବାବୁ? ମୋ ସୁନା ଘରଟିକୁ ତ ଚୁରମାର କରିଦେଲ । ଆମକୁ ଦାଣ୍ଡର ଭିକାରି ସଜେଇ ଦେଲ କେବଳ କେଇଟା ପଇସା ପାଇଁ ! ତୁମେ ତ କୋଠାଘରେ ରହୁଥିବା ବାବୁ । ଭାଙ୍ଗିଦେଇଥିବା ଘର କ'ଣ ମୋତେ ଫେରେଇ ଦେବ !??"

- ବିଦ୍ୟାଧର ମହାପାତ୍ର



ମୁଁ କାଶ୍ମୀର୍ ଝିଅ କହୁଛି

ସୌଭାଗ୍ୟବତୀ ଗିରି

କରୋନା ଜ୍ୱାଳାରେ ତୁମେ ଆତଙ୍କିତ
ମୁଁ ନିଇତି ଆତଙ୍କ ଦେଖୁଛି ।
ଦିନରାତି ଏଠି ସବୁ ତ ସମାନ
ନିଆଁ ଝୁଲ ଖାଲି ଖସୁଛି,
ତୁମେ ଘରେ ଲୁଚ କିଛିଦିନ ପାଇଁ
ମୁଁ ନିଇତି ତ ଘରେ ଲୁଚୁଛି ।

ସୀମାନ୍ତ ଝିଅ ମୁଁ ନୀରିହ ମଣିଷର
ଆର୍ତ୍ତନାଦକୁ ଶୁଣୁଛି
ସେଠି ଦୁର୍ମୂଲ୍ୟ ସବୁ ମଣିଷ ଜୀବନ
କେତେ ଟ୍ରିଟମେଣ୍ଟ୍ ଚାଲିଛି
ଏଠି ଗ୍ରେନେଡର ଗର୍ଜ୍ଜନ ଆଗେ
ଜୀବନ ମୂଲ୍ୟହୀନ ସାଜିଛି,
ସେଠି କରୋନାଯୋଦ୍ଧାଙ୍କୁ ସମ୍ମାନସାର୍ଥେ
କେତେ ଯେ ପ୍ରଶଂସା ଚାଲିଛି
ଏଠି ବିନା ପ୍ରଶଂସାରେ ବୀର ଜବାନ
ରକ୍ତର ହୋଲି ଖେଳୁଛି,
ଗୁଳିଗୋଳା ତୋପକମାଣ ଏଠି
ନିଇତି ପ୍ରଳୟ ରଚୁଛି
ନୀରିହ ମଣିଷ ରକ୍ତଜବାର
ରଙ୍ଗରେ ରଙ୍ଗି ଯାଉଛି ।

ସବୁ ପ୍ରଳୟର ଅନ୍ତକର ପ୍ରଭୁ
ଏତିକି ପ୍ରାର୍ଥନା କରୁଛି
ନିଜ ଟେକ ଆଜି ରଖ ମହାବାହୁ
ସାରା ଦୁନିଆଁଟା ଝୁରୁଛି ।

- ସୌଭାଗ୍ୟବତୀ ଗିରି



ଅଣୁ ଭୌତିକ କାହାଣୀ

ଦୀପକ ଷଡ଼ଙ୍ଗୀ

ହରିଶର ପିଲାବେଳୁ ଇଚ୍ଛା ଥିଲା ସେ ଗୋଟେ ଭଲ ସାମ୍ବାଦିକ ହେବ । ସେଥିଯୋଗୁଁ ସେ ପ୍ରସ୍ତୁତି ବି ଆରମ୍ଭ କରି ସାରିଥିଲା । ଭାଗ୍ୟକୁ ଗୋଟେ ଛୋଟ ମାସିକ ପତ୍ରିକାର ସାମ୍ବାଦିକ ଭାବେ ସେ କଟକରେ ହିଁ ନିଯୁକ୍ତି ପାଇଲା । ଦିନେ ପତ୍ରିକାର ସମ୍ପାଦକ ତାକୁ ଗୋଟେ ସତ୍ୟ ଭୌତିକ ଘଟଣା ଉପରେ ଗଳ୍ପ ଲେଖିବାକୁ କହିଲେ ଯୋଉଟାକି କି ସେ ନିଜେ ଅଙ୍ଗେ ନିଭେଇଥିବ । ଯଦିଓ ହରିଶ ସେମିତି କିଛି ଭୁତ ପ୍ରେତ ଉପରେ ବିଶ୍ୱାସ କରେନି; ତଥାପି ସମ୍ପାଦକଙ୍କୁ କିଛି ସମୟ ମାଗି ଲେଖି କି ଦେବା ପାଇଁ ସମ୍ମତି ଜଣାଇଲା ।

କଟକର ରାଜବଗିଚାରେ ସେ ଖଣ୍ଡେ ଭଡ଼ା ଘର ନେଇ ରହିଥିଲା । ଏକଦମ ଗଳି ଜାଗା । ସେଦିନ ରାତିରେ ଝିପଝିପ ବର୍ଷା ହେଉଥାଏ । ଅଫିସରୁ ଆସୁଆସୁ ରାତି ୧୧ଟା ବାଜି ଯାଇଥାଏ । ଛତା ଯେହେତୁ ନେଇ ନଥିଲା ସେ ଅଧାଅଧି ଓଦା ହୋଇ ଯାଇଥିଲା । ଜୋରଜୋରରେ ଚାଲୁଥାଏ । ଘରେ ପହଞ୍ଚି ଗଲେ ହେଲା । ହଠାତ୍ ତାକୁ ଲାଗିଲା ଯେପରି ତାକୁ ଜଣେ କିଏ ପଛରୁ ଅନୁସରଣ କରୁଛି । ଟିକେ ରହି କି ପଛକୁ ଅନାଇଲା କେହି କୁଆଡ଼େ ନାହାଁନ୍ତି । ବୁଲା କୁକୁରଗୁଡ଼ା ଖାଲି ଯାହା ଭୁକୁ ଥାଆନ୍ତି । ସେ ପୁଣି ଆଗକୁ ଚାଲିଲା । ଏଥର ତାକୁ ଅନୁସରଣ କରୁଥିବା ପାଦର ଶବ୍ଦକୁ ସେ ଠିକ ବାରି ପାରିଲା । ପଛକୁ ଚାହିଁ କହିଲା "କିଏ ସେଠି"? ଗୋଟେ ଭଙ୍ଗା କେବିନ ପଛପଟୁ ବାହାରି ଆସିଲା ଗୋଟେ ଜୀର୍ଣ୍ଣକାୟ ବୃଦ୍ଧ । ଷ୍ଟ୍ରୀଟଲାଇଟରେ ତା'ର ମୁହଁଟା ସ୍ପଷ୍ଟ ଜଣା ପଡୁନଥିଲା । କିନ୍ତୁ

ଲାଗୁଥିଲା ଦାଢ଼ି ଓ ଅଲରା ଚୁଟିରେ ଭର୍ତ୍ତି ଗୋଟେ ପାଗଳ ଭଳି । ଦଉଡ଼ି ଆସି ହରିଶର ଗୋଡ଼କୁ ମାଡ଼ି ବସି କହିଲା "ବାବୁ ମୋତେ ୧୦୦ ଟଙ୍କା ଦିଅ ୪ ଦିନ ହେଲାଣି ମୋ ଘରେ ଚୁଲି ଲାଗିନି ଘରେ ରୋଗିଣୀ ସ୍ତ୍ରୀ ଆଉ ୫ ବର୍ଷର ପୁଅ ।" କାନ୍ଦି କାନ୍ଦି ସେ ନୟାନ୍ତ ହେଇ ଯାଉଥାଏ । ହରିଶ ପୁରା ଡରି ଯାଇଥାଏ । ସେ ରାସ୍ତାରେ ଏକୁଟିଆ କେହି କୁଆଡ଼େ ନାହାଁନ୍ତି । ପଇସା ନ ଦେଲେ ହୁଏତ ଲୋକଟା କିଛି ବି କରିଦେଇ ପାରେ । ସେ ତାକୁ କହିଲା "ହଉ ଉଠ ମୁଁ ଦେଖୁଛି ମୋ ପାଖରେ କେତେ ପଇସା ଅଛି ।" ପର୍ସ ଅଣ୍ଡାଳି ଦେଖିଲା ଦୁଇ ଖଣ୍ଡ ୧୦୦ ଟଙ୍କିଆ ନୋଟ୍ ଅଛି ସେ ସେଥିରୁ କାଢ଼ି ତା'କୁ ଖଣ୍ଡେ ଶହେ ଟଙ୍କା ଦେଲା । ଟଙ୍କା ହରିଶ ହାତରୁ ଝାମ୍ପି ନେଇ ଆଖି ପିଛୁଳାକେ ସେଠାରୁ ଉଭାନ ହେଇ ଗଲା ଲୋକଟା । ହରିଶ ଘରେ ପହଞ୍ଚି ମୁହଁହାତ ଧୋଇ ଯାଇ ଶୋଇ ପଡ଼ିଲା ।

ରାତିସାରା ଲୋକଟାର ସେ କଦର୍ଯ୍ୟ ଚେହରା ତା ଆଖି ଆଗରେ ନାଚି ଉଠୁଥିଲା । ସକାଳୁ ଉଠି ନିତ୍ୟକର୍ମ ସାରି ଅଫିସ୍ ଯିବା ବେଳେ ସେଇ କେବିନ ପାଖରେ ଟିକେ ଅଟକି ଗଲା; ଦେଖିଲା ସେ ଦେଇଥିବା ୧୦୦ ଟଙ୍କା ସେ କ୍ୟାବିନ ତଳେ ପଡ଼ିଛି । ଆରେ ଏ ସେ କ'ଣ ଦେଖୁଛି ଏ ତ ବୋଧ ହୁଏ ସେଇ ଲୋକର ଫୋଟୋ । କିନ୍ତୁ ଫୋଟୋ ତଳେ ଏ କଣ ଲେଖା ଅଛି ୧୫ ଦିନ ହେଲାଣି ନିଖୋଜ ବୋଲି । ଟିକେ ପାଖକୁ ଯାଇ ଭଲକରି ପଢ଼ିବାକୁ ଚେଷ୍ଟା କରିବାକୁ ଗଲାବେଳକୁ କ୍ୟାବିନର ମାଲିକ ଗୋଟେ ପାନ ଦୋକାନୀ ଆସି ତାକୁ ପଛରୁ ଡାକିବାରୁ ସେ ଚମକି ପଡ଼ିଲା । କ'ଣ ହେଲା ଭାଇ? କ'ଣ ଦରକାର? ହରିଶ କହିଲା ଏ ଫୋଟୋଟା? ଦୋକାନୀ ପୁଣି କହିଲା "ଓଃ ଏ ଫୋଟୋ? ଏ ହଉଛି ପରା ଆମ କଲୋନୀର ନିଧି ମଉସାଙ୍କର ! ବିଚରା ବୁଢ଼ାର ସ୍ତ୍ରୀ ମରିଯିବା ପରେ ସେ ପାଗଳ ହୋଇଗଲା । ପୁଅ ତା'ର ତାକୁ ଖାଇବାକୁ ପିଇବାକୁ ନ ଦେଇ ଘରୁ ବାହାର କରିଦେଲା । କାଳେ କିଏ ସନ୍ଦେହ କରିବ ବୋଲି ଭାବି କି ଏମିତିଆ ସବୁ ଫୋଟୋ ସାହି ସାରା ମାରିଛି ଯେ ନିଧି ମଉସା କୁଆଡ଼େ ଘର ଛାଡ଼ି ପଳେଇଛନ୍ତି ବୋଲି । କିନ୍ତୁ ଦୁଇ ଦିନ ତଳେ ନିଧି ମଉସାଙ୍କ ଶବ ଟ୍ରେନ ଲାଇନ୍ କଡ଼ରୁ ମିଳିଛି । ସେ ବୋଧେ ଆତ୍ମହତ୍ୟା କରି ଦେଇଛନ୍ତି ।" କ'ଣ ଆତ୍ମହତ୍ୟା !? ହରିଶର ପାଦତଳୁ ମାଟି ଖସିଗଲା ପରି ଲାଗିଲା । ଆଉ ତା'କୁ ମିଳି ଯାଇଥିଲା ତା'ର ପତ୍ରିକା ପାଇଁ ଗୋଟେ ସତ ସତିକା ଭୌତିକ କାହାଣୀ ।

- ଦୀପକ ଷଡ଼ଙ୍ଗୀ



ଫେରିବ ଦିନେ ନା ଦିନେ

ସୂର୍ଯ୍ୟପ୍ରକାଶ ନାୟକ

କେତେ ଆଶା ଆଉ ଆକାଂକ୍ଷା ସହିତ
ଚାହିଁ ରହିଥିଲି ଯେବେ
ଦିନ ମାସ ଯାଇ ବର୍ଷ ବିତିଗଲା
ନ ଫେରିଲ ତୁମେ ସେବେ ॥

ଛାଡ଼ିଗଲା ମନ ମଉଳିଲା ଆଶା
ସ୍ଥିର କରିନେଲି ମନେ
ଉଡ଼ିଗଲା ପକ୍ଷୀ ନ ଫେରିଲା ଭଳି
ଫେରିବନି ଆଉ ଦିନେ ॥

ପ୍ରେମର ବନ୍ଧନ ଥିଲେ ଯେ ନିବିଡ଼
ଆସିଯାଏ ଉଡ଼ା ପକ୍ଷୀ
ସେଇ ଭରଷାରେ ପୁଣି ଆଉଥରେ
ବସା ମୁଁ ଯେ ବାନ୍ଧିଅଛି ॥

ନୂଆ ଋତୁ ଆସି ହୃଦୟରେ ମୋର
ସଞ୍ଚାରିଲା ନୂଆ ଆଶା
ଫଗୁଣ ମଳୟ ବହିବା ଆଗରୁ
ସରିଲା ତିଆରି ବସା ॥


ବସନ୍ତ ସରିକି ଗ୍ରୀଷ୍ମ ସରିଗଲା
ନ ମିଳିଲା ତୁମ ଦେଖା
ପ୍ରତି ଥର ଭଳି ଏଥର ବି ତୁମେ
ଦେଇ ଚାଲିଗଲ ଧୋକା ॥

ନ ହୋଇ ନିରାଶ ରଖିଛି ବିଶ୍ୱାସ
ଦିନେ ନା ଦିନେ ଫେରିବ
ଆଗମନେ ତୁମ ଅନ୍ତର ଆକାଶେ
ଖୁସି ବଉଦ ଘୋଟିବ ॥

ଜାଣିନି ସେ ଦିନ କେବେ ଯେ ଆସିବ
ପାଖେ ପାଖେ ଥିବ ତୁମେ
ଆଉ ପୁଣି କେବେ ଛାଡ଼ି ଯିବ ନାହିଁ
ରହିଯିବ ସବୁ ଦିନେ ॥

- ସୂର୍ଯ୍ୟପ୍ରକାଶ ନାୟକ

ଶୁଭପଲ୍ଲବ
Listen Stories on YouTube
click here to go
ଓଡ଼ିଆ କବିତା, କାହାଣୀ, ଶୁଣନ୍ତୁ



ମହାମନୀଷୀଙ୍କ ପାଇଁ ପଦେ

ଆଧୁନିକ ଓଡ଼ିଶାର ସାଲବେଗ
ମହମ୍ମଦ ସିକନ୍ଦର ଆଲାମ

ମହମ୍ମଦ ସିକନ୍ଦର ଆଲାମ ଥିଲେ ଓଡ଼ିଆ କଥାଚିତ୍ର ଜଗତର ଜଣେ ସୁନାମଧନ୍ୟ ପ୍ରଚ୍ଛଦପଟ ଗାୟକ । ସେ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଯଥା ଜଗନ୍ନାଥ ଜଣାଣ, ଭଜନ, ଛାନ୍ଦ, ଚମ୍ପୂ, ଚଉପଦୀ ନିମନ୍ତେ ଆଜି ବି ଓଡ଼ିଶାର ଘରେ ଘରେ ପରିଚିତ । ତାଙ୍କୁ ଆଧୁନିକ ଓଡ଼ିଶାର ସାଲବେଗ ମଧ୍ୟ କହାଯାଏ ।

କଟକ ଜିଲ୍ଲାର ବୟାଳିଶି ମୌଜା ବ୍ଲକର ରାଉତରାପୁରଠାରେ ୧୯୩୯ ମସିହା ଜୁଲାଇ ମାସ ୨୭ ତାରିଖରେ ଜନ୍ମଗ୍ରହଣ କରିଥିଲେ ସିକନ୍ଦର ଆଲାମ । ବାଲ୍ୟ ଜୀବନ ତାଙ୍କର କଟିଥିଲା ଜନ୍ମମାଟିରେ । ପରବର୍ତ୍ତୀ ସମୟରେ ସେ ନିଜ ପିତାମାତାଙ୍କ ସହ ଚାଲିଆସିଥିଲେ କଟକ ସହରକୁ । କଟକର ଖ୍ରୀଷ୍ଟ କଲେଜିଏଟ ସ୍କୁଲରୁ ମାଟ୍ରିକ ଓ ଷ୍ଟିୱାର୍ଟ କଲେଜରୁ ବିଜ୍ଞାନରେ ଇଣ୍ଟରମିଡିଏଟ ପାସ କରିବାପରେ ସଙ୍ଗୀତ ଶିକ୍ଷା କରିବା ପାଇଁ ସେ ପ୍ରସିଦ୍ଧ ଗନ୍ଧର୍ବ ମହାବିଦ୍ୟାଳୟରେ ଯୋଗଦାନ କରିଥିଲେ । ଏହି ଅନୁଷ୍ଠାନରୁ ହିଁ ସେ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲୁଶକର ଏବଂ ଉସ୍ତାଦ କୁନ୍ଦଳ ଆଦୀନାରାୟଣ ରାଓଙ୍କ ଅଧିନରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତରେ କୃତିତ୍ୱର ସହ ସଙ୍ଗୀତ ବିଶାରଦ ହାସଲ କରିଥିଲେ ।

୧୯୫୭ ମସିହାରେ, ମାତ୍ର ୧୮ ବର୍ଷ ବୟସରେ ଆକାଶବାଣୀ କଟକରେ ଗୀତ ଗାଇବା ଆରମ୍ଭ କରିଥିଲେ ସିକନ୍ଦର । ଭଜନ, ଜଣାଣ, ଗଜଲ, ଆଧୁନିକ ସଙ୍ଗୀତରେ ସେ ନିଜର ଦକ୍ଷତା

ପ୍ରତିପାଦନ କରି ଖୁବ କମ ସମୟରେ ବହୁ ଲୋକପ୍ରିୟତା ଅର୍ଜନ କରିଥିଲେ । ୧୯୬୨ ମସିହାରେ ସେ ଓଡ଼ିଆ କଥାଚିତ୍ର ଜଗତରେ କଣ୍ଠଦାନ କରିବା ଆରମ୍ଭ କରିଥିଲେ । ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ନିର୍ଦ୍ଦେଶନାରେ ସେ କଣ୍ଠଦାନ କରିଥିଲେ ଲକ୍ଷ୍ମୀରେ । ତାଙ୍କର ପ୍ରଥମ ଗୀତଟି ଆରମ୍ଭ ହିଁ ଅନେକ ଲୋକପ୍ରିୟତା ସାଉଁଣ୍ଟିଥିଲା । ପରବର୍ତ୍ତୀ ସମୟରେ ସେ ବହୁ ଓଡ଼ିଆ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରିଥିଲେ । ସେ ମଧ୍ୟରୁ ଅମଡ଼ା ବାଟ, ଅଦିନ ମେଘ, ମାଣିକ ଯୋଡ଼ି, ମମତା, ସୂର୍ଯ୍ୟମୁଖୀ, ପୂଜା ପ୍ରଭୃତି ଅନ୍ୟତମ । ଏତଦ୍‌ବ୍ୟତିତ, ସେ ବହୁ ଆଲବମ ପାଇଁ ମଧ୍ୟ କଣ୍ଠଦାନ କରିଥିଲେ । ସେ ଦୁଇ ହଜାରରୁ ଅଧିକ ଗୀତ ଗାଇଥିଲେ ।

ସିକନ୍ଦର ଆଲାମଙ୍କ ପତ୍ନୀ ନାଇମା ଆଲାମ ମଧ୍ୟ ଜଣେ ସୁଗାୟିକା ତଥା ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର । ତାଙ୍କର ଦୁଇ ଝିଅଙ୍କ ମଧ୍ୟରୁ ବଡ଼ ଝିଅ ସୋଫିଆ ଜଣେ ଅଭିନେତ୍ରୀ ଓ ସାନ ନାଜିଆ ଜଣେ ସୁନାମଧନ୍ୟା କଣ୍ଠଶିଳ୍ପୀ । ସେ ତାଙ୍କର ପତ୍ନୀ ନାଇମା ଓ କନ୍ୟା ନାଜିଆଙ୍କ ସହ ମିଶି 'ଆଲ୍ଲା କେ ହୁଜୁର' ନାମରେ ଏକ ଆଲବମ ମଧ୍ୟ କରିଥିଲେ ।

ପ୍ରଥମ ଓଡ଼ିଆ ଗାୟକ ଭାବରେ 'ବିବିସି'ରେ ତାଙ୍କ ଗୀତ ବାଜିଥିଲା । ସେ 'ଓଡ଼ିଶା ରାଜ୍ୟ ସଂଗୀତ ନାଟକ ଏକାଡେମି'ର ଉପ-ସଭାପତି ଓ 'ସଂଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେସନ'ର ସଭାପତି ଭାବେ କାର୍ଯ୍ୟ କରିଥିଲେ । ୨୦୧୦ ମସିହାର ଅଗଷ୍ଟ ମାସ ୮ ତାରିଖରେ ସଭିଙ୍କୁ ଶୋକ ସାଗରେ ଭସାଇଦେଇ ୭୧ ବର୍ଷ ବୟସରେ ସେ ଇହଲୋକ ତ୍ୟାଗ କରିଥିଲେ ।

ଉତ୍ସ: ଓଡ଼ିଆ ଉଇକିପିଡ଼ିଆ



ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

Buy Now!



ଦଙ୍ଗା

ଡ. ତୃପ୍ତି ରଞ୍ଜନ ଦାସ

ଘର'ର ତାଟି କବାଟରେ ଭୟ ଆଉଜିକି ଥିଲା
ସେମାନେ ସମସ୍ତେ ଖଣ୍ଡା ଧରିଥିଲେ
ଯିଏ ଧରି ନଥିଲା
ତା'ର ରକ୍ତ ଝରୁଥିଲା

ଭଲ ହେଲା କାଲି ବଜାର ଯାଇଥିଲି
କ୍ଷୀର ଆଗରୁ ନେଇ ଆସିଥିଲି
ମୁଁ ଚାହା ପିଉଥିଲି, ବାହାରେ ସହର ଜଳୁଥିଲା
କଅଁଳ ଛୁଆଟିଏ ଘର ପାଖରେ ଭୋକରେ କାନ୍ଦୁଥିଲା

ସେମାନେ ଗୀତା ଆଉ କୋରାନ ନାଁ'ରେ
ବାହାରେ ସହରକୁ ଶ୍ମଶାନ କରୁଥିଲେ
ଯିଏ ଗୀତା ଆଉ କୋରାନ ବୁଝିଥିଲେ
ଘରେ ଲୁଚିଥିଲେ


ଚୁକ୍ସାର'ର ଭିଡିଓ କଲ ଆସିଲା ବେଳକୁ
ପ୍ରଶାସନ ଇଣ୍ଟରନେଟ କାଟିଦେଲା
ନୂଆ ସଲ୍ୱାର ଶିଲେଇ କରିଥିଲା ଦେଖି ପାରିଲିନି
ଖାଲି କପଡ଼ା ଯାହା ଦେଖିଥିଲି ଆଣିଲା ବେଳେ

ଦୁହେଁ କଲେଜରୁ ଫେରୁଥିଲେ
କେହି ବୁଝିବା ଆଗରୁ ଅସ୍ତ୍ର ଚାଲିଲା
ଦୁହେଁ ନିହତ
ଜଣେ କୁଆଡ଼େ ଆର ଜଣଙ୍କୁ ଫସେଇକି ନେଉଥିଲା

ଯେଉଁମାନେ ମାରୁଥିଲେ ଆଉ
ପୁଣି ମରିଗଲେ, ଦେଖି ପାରିଲେନି
ଦିଲ୍ଲୀରେ ଏକାଠି ଭୋଜନ କରୁଥିବା
ଦୁଇ ଦଳର ନେତାଙ୍କୁ

- ଡ. ତୃପ୍ତି ରଞ୍ଜନ ଦାସ

Shubhapallaba



Now it's easy to read
The Quotes by Shubhapallaba
quotes.shubhapallaba.in

Read Now



ଶୁଭପ୍ରଭ

ଆଳାପ

ଅତିଥି -

ଅସୀତ ପଟ୍ଟନାୟକ

କଳାକାରଟିଏ ବିଭିନ୍ନ ସୋପାନରୁ ଅନେକ କିଛି ଶିଖିଥାଏ । ଆଜି ସେମିତି ଜଣେ କଳାକାରଙ୍କ ସହ କିଛିଟା ଆଲୋଚନା କରିବା, ଯିଏକି ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ ଏକ ୟୁ-ଟ୍ୟୁବ୍ ଭିଡିଓରୁ ଏବଂ ପରେ ଟିଭିରେ ନାଟ୍ୟ ରୂପାନ୍ତରଠାରୁ ଆରମ୍ଭ କରି ଅନେକ ଚିରିତ୍ରରେ ଅଭିନୟ କରିବା ସହ ନିଜେ ବିଭିନ୍ନ ମ୍ୟୁଜିକ୍ ଭିଡିଓ ଓ ଫିଲ୍ମରେ କାର୍ଯ୍ୟ କରୁଛନ୍ତି । ଖାଲି ଅଭିନୟ ନୁହେଁ, ସହ-ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ ସେ, ପରେ ସେ ନିଜେ କିଛି କାହାଣୀର ନିର୍ଦ୍ଦେଶକ ବି ସାଜିଥିଲେ ।

ନାମ- ଅସୀତ ପଟ୍ଟନାୟକ
ଜନ୍ମ- ୨ ଅକ୍ଟୋବର ୧୯୯୬
ବାପା- ଆଲୋକ ପଟ୍ଟନାୟକ
ମାଆ- ଉର୍ମିଳା ପଟ୍ଟନାୟକ
ଘର- କୁଜଙ୍ଗ, ଜଗତସିଂହପୁର

ପ୍ରଶ୍ନ ୧- ଅସୀତ ଅଭିନୟ କରିବାର ଇଚ୍ଛା କେମିତି ଆସିଲା ତମର?

ଉତ୍ତର- ଅଭିନୟ କରିବାର ଇଚ୍ଛା ଛୋଟବେଳୁ ଥିଲା କିନ୍ତୁ କଲେଜରେ ପଢ଼ିବା ସମୟରେ ଜନେ ଅଭିନେତା ହେବାକୁ ଭାବିଥିଲି ।

ପ୍ରଶ୍ନ ୨- ଶିକ୍ଷାରେ ଇଞ୍ଜିନିୟର୍, କିନ୍ତୁ ଏବେ ଓଡ଼ିଆ କଳାକାରଙ୍କ ଭିତରୁ ଜଣେ । କେମିତି ଥିଲା ଭବାନୀପାଟଣାର ଇଞ୍ଜିନିୟରିଂ କଲେଜରୁ ଇନ୍ଦ୍ରଜାଲର କଳାକାରଯାଏଁ ଯାତ୍ରା?

ଉତ୍ତର- ଭବାନୀପାଟଣା ଇଞ୍ଜିନିୟରିଂ କଲେଜ ମତେ ବହୁତ କିଛି ଦେଇଛି... ଜୀବନରେ ବହୁତ କିଛି ଶିଖିବାକୁ ମିଳିଛି ସେଠାରେ... ହଁ କଲେଜରୁ ଏବେଯାଏ ଯାତ୍ରା ସଂଘର୍ଷମୟ ରହିଚି... ପ୍ରତିଦିନ କିଛି କିଛି ନୂଆ ପରୀକ୍ଷା ସହ ଅନେକ କିଛି ଶିଖିବାକୁ ମିଳିଛି.. ସଂଘର୍ଷକୁ ମୁଁ କଷ୍ଟ ଭାବରେ ନୁହେଁ, ଶିକ୍ଷା ଭାବରେ ଗ୍ରହଣ କରିଛି ।

ପ୍ରଶ୍ନ ୩- ଜୀବନର ଲକ୍ଷ୍ୟ କ'ଣ ଏବେ ଅସୀତଙ୍କର?

ଉତ୍ତର- ଜଣେ ଭଲ କଳାକାର ସହ ଗୋଟେ ଭଲ ମଣିଷ ହୋଇ ଲୋକଙ୍କ ସେବାରେ ଲାଗିବାର ଇଚ୍ଛା ଅଛି... ବାବାଙ୍କ ପାଖରୁ ଶିଖିଥିବା ଜୀବନର ବହୁତ କିଛି ସଂଜ୍ଞାକୁ ଆପଣେଇବା ସହ ଘରର ମର୍ଯ୍ୟାଦାକୁ ବଜାଇ ରଖିବି ।

ପ୍ରଶ୍ନ ୪- ନିର୍ଦ୍ଦେଶକ ହେବାକୁ ଅଧିକ ପସନ୍ଦ କରିବେ ନା କଳାକାରଟିଏ ହେବାକୁ?

ଉତ୍ତର- ଯେହେତୁ ମୁଁ ଅତିରିକ୍ତ ନିର୍ଦ୍ଦେଶକ ଭାବେ ଅନେକ କାମ କରିଛି ଓ କାମ ଶିଖିଛି, ତେଣୁ ଭଲ ନିର୍ଦ୍ଦେଶକ ହେବାକୁ ଲକ୍ଷ୍ୟ ରଖିଛି କିନ୍ତୁ ଏବେ ନୁହେଁ । ଯେବେ ଲୋକମାନେ କଳାକାର ଭାବେ ମୋ ଉପରୁ ମୁହଁ ଫେରେଇବେ ତା'ପରେ ଭାବିବି... କିନ୍ତୁ ଭଲ କଳାକାର ଭାବେ ବଞ୍ଚିବାକୁ ଚାହେଁ, ତେଣିକି ଅଭିନେତାଟିଏ ହୁଏ କି ନିର୍ଦ୍ଦେଶକଟିଏ ।

ପ୍ରଶ୍ନ ୫- ଓଡ଼ିଆର ଜଣେ ବିରଷ୍ଟ କଳାକାର ହେଲେ ଅସୀତ ପତି; ତାଙ୍କ ପରେ ଅସୀତ ପଟ୍ଟନାୟକ ସେଇ ପାହାଚରେ କେବେ ନିଜକୁ ଦେଖନ୍ତି କି?

ଉତ୍ତର- ହା...ହା...ହା... ତାଙ୍କ ପ୍ରତି ମୋ ଯଥେଷ୍ଟ ସମ୍ମାନ ଅଛି... ସେ ଓଡ଼ିଆ କଥାଚିତ୍ର ଜଗତର ଜଣେ ପୁରୋଧା... ମୁଁ ମୋ ରାସ୍ତାରେ ଯାଉଛି... ଏତେ ବଡ଼ ମହାନୁଭବଙ୍କ ସହ କେବେବି ନିଜକୁ ତୁଳନା କରିବାର ଦୁଃସାହାସ କରିବି ନାହିଁ ।

ପ୍ରଶ୍ନ ୬- କେଉଁ ଚରିତ୍ରକୁ ଆପଣ ଅଧିକ ପସନ୍ଦ କରନ୍ତି ନାୟକ ନା ଖଳନାୟକ?

ଉତ୍ତର- ସତ କହିବାକୁ ଗଲେ ଖଳନାୟକ ଗୋଟେ ଏମିତି ଚରିତ୍ର, ଯେଉଁଥିରେ ଆପଣ ବହୁତ ପ୍ରକାର ଅଭିନୟ ଦେଖେଇ ପାରିବେ... ଏଣେ ଏବେ ଫିଟ୍ ଥିବା ହିରୋମାର୍କା ଭିଲିଆନ୍‌ର ଯୁଗ ଆରମ୍ଭ ହୋଇଛି ଆଉ ଦର୍ଶକମାନେ ସେ କାଳିଆ, ପେଟୁଆ ଖଳନାୟକୁ ସେତେଟା ପସନ୍ଦ କରୁନାହାନ୍ତି... ତେଣୁ ସେମିତି ଯାହା ବି ଚରିତ୍ର ମିଳିବ, ତାକୁ ଭଲ ଭାବରେ ପ୍ରତିପାଦନ କରିବାର ଆଶା ରଖିଛି ।

ପ୍ରଶ୍ନ ୭- କେବେ ରଙ୍ଗମଞ୍ଚରେ ଅଭିନୟ କରିବାର ଇଚ୍ଛା ରଖିଛନ୍ତି କି?

ଉତ୍ତର- ରଙ୍ଗ ମଞ୍ଚ ଗୋଟେ ଏମିତିକା ଜାଗା ଯେଉଁଠି ଗୋଟିଏ ଟେକ୍‌ରେ ଓକେ କରିବାକୁ ପଡ଼ିଥାଏ... ସେଥିରେ ଅଭିନୟ କରୁଥିବା କଳାକାରମାନେ ବହୁତ ଟ୍ୟାଲେଣ୍ଟେଡ୍... ମୁଁ ଅବଶ୍ୟ ଆଗରୁ ସ୍କୁଲ୍‌ବେଳେ ଡ୍ରାମାରେ ଅଭିନୟ କରିଛି ଏବଂ ଆଗକୁ ସୁଯୋଗ ମିଳିଲେ ନିଶ୍ଚୟ କରିବି । କାରଣ ଏହି ମଞ୍ଚରେ ଆମେ ଆମର ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଦେଖାଇଥାଉ । ତା'ଛଡ଼ା ମୋ ମମି ମଧ୍ୟ ମଞ୍ଚ ଅଭିନୟର ଜଣେ ବଡ଼ ପ୍ରସଂଶିକା ।

ପ୍ରଶ୍ନ ୮- ଆଗାମୀ ଫିଲ୍ମ ଇନ୍ଦ୍ରଜାଲରେ ଆପଣଙ୍କର କେଉଁଭଳି ଭୂମିକା ରହିଛି?

ଉତ୍ତର- ଇନ୍ଦ୍ରଜାଲ ନାଁରୁ ହିଁ ଜାଣିଥିବେ ଗୋଟେ ଏହା ଏକ ସର୍‌ପ୍ରାଇଜ୍ ଫିଲ୍ମ... ପିନୁ ଭାଇ ବହୁ ସୁନ୍ଦର୍ ଭାବେ ପରଦାରେ ଉପସ୍ଥାପନ କରିଛନ୍ତି; ମୁଁ ଡବିଂ ସମୟରେ ବସିକି ଦେଖୁଥିଲି... ଏଥିରେ ମୋର ଭୂମିକା ପଜିଟିଭ୍ ନାହିଁ ଅବଶ୍ୟ । କ'ଣ ଅଛି ମୋର ଭୂମିକା, ତାହା ଫିଲ୍ମ ରିଲିଜ୍ ପରେ ନିଶ୍ଚେ ଜାଣିପାରିବେ ।

ପ୍ରଶ୍ନ ୯- ଅସୀତଙ୍କର କେଉଁ ନିର୍ଦ୍ଦେଶକଙ୍କ ସହ କାମ କରିବାର ଆଗକୁ ଇଚ୍ଛା ଅଛି?

ଉତ୍ତର- ମୁଁ ଯେତେ ବି ନିର୍ଦ୍ଦେଶକଙ୍କ ସହ କାମ କରିଛି ସମସ୍ତେ ମୋର ପସନ୍ଦ ଆଉ ସମସ୍ତେ ମତେ ଭଲ ପାଆନ୍ତି ବି । ପିନୁ ନାୟକ, ସୌଭାଗ୍ୟ ପ୍ରକାଶ ପତି, ଦୀପକ ସ୍ୱାଇଁ, ନରୋତ୍ତମ

ପରିଡ଼ା, ଦେବାଶିଷ ଭାଇନା, ଟୁକୁ ଭାଇଙ୍କ ଭଳି ଅନେକଙ୍କ ପାଖରେ କାର୍ଯ୍ୟ କରିଛି ଏବଂ ସେମାନଙ୍କଠାରୁ ଅନେକ କିଛି ଶିଖିବାକୁ ପାଇଛି । ତେଣୁ ସଭିଙ୍କ ସାଙ୍ଗରେ ଆଗକୁ କାର୍ଯ୍ୟ କରିବାର ଅଛି, ଚରିତ୍ରଟି ଭଲ ଲାଗିଲେ ନିଶ୍ଚୟ କରିବି । ଶରଣାରବିନ୍ଦ ଦାଦା ଆମ ଅଞ୍ଚଳର ଗୌରବ, ତାଙ୍କ ସ୍କ୍ରିପ୍ଟରେ କାମ କରିବାର ଗୋଟେ ବଡ଼ ଇଚ୍ଛା ଅଛି ।

ପ୍ରଶ୍ନ ୧୦- ଏ କରୋନା ସମୟରେ ଲୋକମାନଙ୍କୁ କ'ଣ ଉପଦେଶ ଦେବେ ଅସୀତ?

ଉତ୍ତର- କରୋନା ଏବେ ଖାଲି ଆମକୁ ନୁହଁ ସମଗ୍ର ବିଶ୍ୱକୁ ଗ୍ରାସ କରିଛି... ତେଣୁ ଟୀକା ବାହାରିବା ଯାଏଁ ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ... ସରକାରୀ ନିୟମକୁ ପାଳନ କରନ୍ତୁ... କରୋନା ଯୋଦ୍ଧାଙ୍କୁ ସମ୍ମାନ ଦିଅନ୍ତୁ... ଏ ସମୟ ବେଶୀ ଦିନ ରହିବନି; ଧୈର୍ଯ୍ୟ ରଖନ୍ତୁ ସବୁ ଠିକ୍ ହେଇଯିବ... ଆପଣ ମଧ୍ୟ ସୁସ୍ଥ ରୁହନ୍ତୁ... ଏହି ସାକ୍ଷାତକାର ପାଇଁ ଶୁଭପଲ୍ଲବ ଟିମ୍‌କୁ ମଧ୍ୟ ଧନ୍ୟବାଦ... ଜୟ ଜଗନ୍ନାଥ ।



ଆତ୍ମନିର୍ଭର ଟି-ସାର୍ଟ
ଶୁଭପଲ୍ଲବ
ଷ୍ଟୋରରେ ଉପଲବ୍ଧ

Buy Now!



ନାରୀର ଆପମାନ - ଯୁଦ୍ଧର ଆହ୍ୱାନ

ସ୍ୱାତୀସ୍ମିତା ବାରିକ

ପ୍ରାଚୀନ ଯୁଗର ହସ୍ତୀନାପୁରରେ
ଘଟିଲା ଏକ କାଣ୍ଡ,
ନାରୀର ସମ୍ମାନ ବୁଝି ନପାରି
ଭୋଗିଲେ ସବୁ ଦଣ୍ଡ ॥...୧

କେଶକୁ ଟାଣି ରାଜସଭାକୁ
ଆଣିଲା ଦୁଃଶାସନ,
ପ୍ରଜା କୁହନ୍ତି ଏହା କ'ଣ
କୁରୁବଂଶର ଶାସନ?...୨

ପ୍ରତିଜ୍ଞାର ଦ୍ୱାହିଦେଇ ନୀରବ ରହିଲେ
ପିତାମହ ଭୀଷ୍ମ,
ଜାଣି ମଧ୍ୟ ଜାଙ୍ଘସେନୀର ନିଆଁରେ
ହସ୍ତୀନାପୁର ହେବ ଭସ୍ମ ॥...୩

ଜଙ୍ଘକୁ ବାଡ଼େଇ ଦୁର୍ଯ୍ୟୋଧନ କରେ
ପୁରୁଷତ୍ୱର ପ୍ରମାଣ,
ଗାନ୍ଧାରୀକୁମାର ଅଜ୍ଞାନେ କରେ
ମୃତ୍ୟୁର ଆମନ୍ତ୍ରଣ ॥...୪

କୁରୁ ବଂଶର କୁଳବଧୂକୁ
କର୍ଣ୍ଣ କହେ ଯେ ବେଶ୍ୟା,
ଆଜିଯାଏ ଯିଏ ଖେଳୁଛି
ନିଜ ଜୀବନର ପଶା ॥...୫

ବସ୍ତ୍ରହରଣେ ଦ୍ରୌପଦୀର ଆଉ
ରହୁ ନାହିଁ ରାହା,
ବିପଦ ସମୟେ ଲଜ୍ୟା ନିବାରଣେ
କେବଳ କେଶବ ସାହା ॥...୬

ଭଗିନୀକୁ ଦେଇ ଆବଶ୍ୟକ ବସ୍ତ୍ର
ରଖିଲେ ଦାନର ମାନ,
ପାଞ୍ଚାଳୀ କ'ଣ ଭୁଲି ଯାଇଛି
ତା'ର ସେଇ ଅପମାନ?...୬

ଯେଉଁଦିନ ଦୁଃଶାସନ ରକ୍ତେ
କରିବି ମୁଁ ସ୍ନାନ,
ସେଦିନ ବାନ୍ଧିବି କେଶ
ପାଞ୍ଚାଳୀ ଦେଲା ବଚନ ॥...୮

କୁରୁକ୍ଷେତ୍ରେ କୈନ୍ତେୟ ଦେଲେ
ସ୍ୱାମୀର ପରିଚୟ,
ଏବେ ଦ୍ରୌପଦୀ ତା' କେଶ
ବାନ୍ଧିବ ନିଶ୍ଚୟ ॥...୯

ନିଜେ ଜଳି ଅନ୍ୟ ଜୀବନକୁ
କରେ ସେ ଅମୃତ,
ଅପମାନ, ଅନ୍ୟାୟ ଦେଖିଲେ
ରଚାଏ ସେ ମହାଭାରତ ॥...୧୦

- ସ୍ୱାତୀସ୍ମିତା ବାରିକ



ଶୁଭପଲ୍ଲବ ପସ୍ତୁତ
ପ୍ରଥମ
ଗଳ୍ପ ସଂକଳନ

Buy Now!



ବାବା

ଦୀନବନ୍ଧୁ ମିଶ୍ର

ଗଲା କାଲି ମୋର ଜଣେ ବନ୍ଧୁ ସନ୍ଧ୍ୟାରେ ଫୋନ୍ କରି ପଚାରିଲେ, "ଆଚ୍ଛା ତୋର କେହି ଶିଷ୍ୟ ନାହାନ୍ତି?" ମୁଁ କହିଲି, "କାହିଁକି ପଚାରୁଛୁ? ମୁଁ ନିଜେ ତ କୌଣସି ଦୀକ୍ଷା ନେଇନାହିଁ ତେବେ ଦୀକ୍ଷା ଦେବି କିପରି? ଆଉ ଦୀକ୍ଷା ଦେବା କିମ୍ବା ଗୁରୁ ହେବାର ମୋର କୌଣସି ସଉକ ମଧ୍ୟ ନାହିଁ ।" ସେ ବିଚରା ନିରାଶ ହେଲା । ମୁଁ ତାକୁ ନିମ୍ନୋକ୍ତ ସତ୍ୟ ଘଟଣାଟିଏ ଶୁଣାଇଲି ଆଉ କିଛି ସାମାଜିକ ପ୍ରଶ୍ନ ମଧ୍ୟ କଲି । ଆପଣମାନେ ବିଜ୍ଞ ପାଠକ ମଣ୍ଡଳୀ ଆଗରେ ମଧ୍ୟ ସେଇ ପ୍ରଶ୍ନ ସବୁ ଉତ୍ଥାପନ କରୁଛି ଘଟଣାବଳୀ ସହିତ । ଆପଣମାନେ ନିଜ ବିଚାର ବ୍ୟକ୍ତ କରିବା ହେବେ ।

ଗୋଟିଏ ଗାଁ'ରେ ସମ୍ପନ୍ନ ଚାଷୀ ପରିବାରଟିଏ ଥିଲା । ଭଲ ଜମିବାଡ଼ି, ଘରଦ୍ୱାର ସହିତ ସଭ୍ୟ ଶିକ୍ଷିତ ୪ଟି ଭାଇ ଏକାଠି ଖୁବ୍ ଆନନ୍ଦର ସହିତ ଜୀବନ ଅତିବାହିତ କରୁଥିଲେ । ଚାରୋଟି ଭାଇ ମଧ୍ୟରୁ ୨ ଜଣଙ୍କ ପିଲାପିଲି ଥିବା ସମୟରେ ଆଉ ୨ ଜଣ ଅବିବାହିତ ଥିଲେ । ସମୟ ଗଡ଼ି ଚାଲିଥିଲା । ୪ଭାଇଙ୍କ ସେଇ ସମ୍ପତ୍ତି ଉପରେ ସମାନ ଅଧିକାର ମଧ୍ୟ ଥିଲା । ସମସ୍ତେ ନିଜ ନିଜ ମଧ୍ୟରେ ସୁଖଦୁଃଖରେ ଜୀବନ ଅତିବାହିତ କରୁଥିଲେ । କିନ୍ତୁ ହଠାତ୍ ସେମାନେ ଗୋଟିଏ ଭୁଲ୍ କରିବସିଲେ... ଯଦ୍ୱାରା ସମ୍ପୂର୍ଣ୍ଣ ପରିବାରଟି ଛିନ୍ନବିଚ୍ଛିନ୍ନ ହେଇଗଲା ଓ ସମ୍ପୂର୍ଣ୍ଣ ପରିବାର ଆଜି ଦାଣ୍ଡର ଭିକାରୀ ପାଲଟିଗଲା । ଭୁଲ୍ ଏଇୟା ନଥିଲା କି କେହି ଜଣେ ମଦ୍ୟପ ହେଇଗଲା ଅବା

ଜୁଆ କିମ୍ବା ବେଶ୍ୟାଳୟରେ ସମସ୍ତ ସମ୍ପତ୍ତି ହାରିଗଲା । ଭୁଲ୍ କେବଳ ଏତିକି ଥିଲା... ସେମାନେ ଗୋଟିଏ ବାବାକୁ ତାଙ୍କ ଘରେ ଶରଣ ଦେଇଥିଲେ ।

କଥାଟି ଏମିତି - ସେ ବାବା ଜଣକ ପାଖରେ ନା ଖାଇବାକୁ କିଛି ଥିଲା ନା ପିନ୍ଧିବାକୁ । ଏପରିକି ତା' ପାଖରେ ଶୋଇବା ପାଇଁ ମଶିଣା ଖଣ୍ଡେ ମଧ୍ୟ ନଥିଲା । ହଁ କେବଳ ଏତିକି ତା' ପାଖରେ ଥିଲା, ଯାହାକି ଏଇ ପରିବାର ପାଖରେ ନଥିଲା । ତାହା ହେଉଛି ସାମାଜିକ ଓ ସଂସ୍କୃତି ନାଁରେ ଭଣ୍ଡିବାର ସୂତ୍ର ଓ ବିରାଟ ବିରାଟ ଭାଷଣ ଦେବାର ଓ ଜାନୁ ନତ କରି ଅଭିନୟ କରିବାର କଳା । ଯାହା ଜରିଆରେ ସେ ଧୀରେ ଧୀରେ ସାମାଜିକ ସ୍ୱୀକୃତି ପାଇବା ସହିତ ନିଜର ଅଭିନୟ ବଳରେ ଉପରକୁ ଉପରକୁ ଉଠିବାରେ ଲାଗିଲା । ଏମିତି ହେଲା ଯେ ଉକ୍ତ ପରିବାର ସଦସ୍ୟ କାହିଁକି ପରିବାରର ଅନେକ ପରିଚିତ ବ୍ୟକ୍ତି ମଧ୍ୟ ବାବା ଉପରେ ଆଖି ବନ୍ଦ କରି ବିଶ୍ୱାସ କରିବା ଆରମ୍ଭ କରିଦେଲେ ଏବଂ ଏମିତି ମଧ୍ୟ ହେବାକୁ ଲାଗିଲା ଯେ ବାବାଙ୍କ କହିବା ଓ କାର୍ଯ୍ୟକରିବା ଶୈଳୀ ଉପରେ ଯିଏ ବା ପ୍ରଶ୍ନ ଉଠାଇବା ଆରମ୍ଭ କଲା, ସେ ଧୀରେ ଧୀରେ ସମାଜରୁ ବହିଷ୍କୃତ ହୋଇଗଲା ଆପେ ଆପେ । ଏପରି ଭାବରେ ବାବା ଜଣକ ଭିକାରୀରୁ ସନ୍ଥ ପଦବୀରେ ନିଜକୁ ଅଳଙ୍କୃତ ମଧ୍ୟ କରିଦେଲେ । ଆଉ କିଛି ଦିନ ପରେ ତାଙ୍କ ଭକ୍ତଗଣ ତାଙ୍କୁ ଭଗବାନଙ୍କ ଏକାଦଶ ଅବତାର ବୋଲି ପ୍ରଚାର କରିବା ଆରମ୍ଭ କରିଦେଲେ ।

କଥା କ'ଣ ନା ଆମ ସମାଜରେ ଯେହେତୁ ଆମେ କେବଳ ସାର୍ଟିଫିକେଟ ଶିକ୍ଷା ମଧ୍ୟରେ ସୀମିତ ହେଇ ରହିଯାଇଛୁ ଓ ଘୋଷି ଘୋଷି ବେଶି ମାର୍କ କିପରି ଜାଲିଆତି କରି ଆଣିବା ତା'ରି ଉପରେ ବେଶି ନିର୍ଭର କରୁଁ ତେଣୁ ଆମର ସାମାଜିକ, ସାଂସ୍କୃତିକ ଅସଲି ତଥ୍ୟକୁ ଜାଣିବା ବା ବିଚାର କରିବାର ଶକ୍ତି ହିଁ ଆଉ ନାହିଁ । ଏଥିପାଇଁ ସାମାଜିକ ଓ ସଂସ୍କୃତି ନାଁ'ରେ ଯିଏ ଯାହା କହିଲା ତାକୁ ଅନ୍ଧ ଭାବରେ ବିଶ୍ୱାସ କରି ଆମେ ଏମିତି ଭଣ୍ଡ ଅଭିନୟକୁ ସତ୍ୟ ମଣିବସିବା ସହ ଏମିତି ଚକ୍ରବ୍ୟୁହର ତିନିକୋଣିଆ ସଂରଚନା ମଧ୍ୟରେ ଫଶିଯାଉ, ଯେଉଁଥିରେ ଉପରେ ଥିବା ଦୁଇଟି କୋଣରେ ବସିଥିବା ଏମିତି ଭଣ୍ଡ ଅଭିନେତା ଓ ତା' ପଛରେ ପୁଞ୍ଜି ନିବେଶ କରୁଥିବା ପୁଞ୍ଜିପତି ତଳ କୋଣରେ ପଡ଼ି ରହିଥିବା ସାଧାରଣ ଜନତା ପାଇଁ ନିୟମ ପ୍ରଣୟନ କରେ ଓ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରେ । ଠିକ୍ ଏହି ସମୟରେ ଏମିତି ଭଣ୍ଡ ଅଭିନେତାମାନେ

ଏକାନ୍ତବାଦ, ନିଜସ୍ୱବାଦର ଦର୍ଶନ ଭିତରେ ସମସ୍ତଙ୍କୁ ସାମ୍ପ୍ରଦାୟିକ ବାଦର ନର୍କକୁଣ୍ଡର ଲାଲ୍ ରକ୍ତରେ ରଙ୍ଗିବା ଆରମ୍ଭ କରେ ।

ଏବେ ପୁଣି କାହାଣୀକୁ ଫେରିଯିବା । ଉକ୍ତ ପରିବାରଟି ସେଇ ବାବାକୁ ତା'ର ଅଭିନୟ ଚାତୁରୀରେ ଭୋଳ ହୋଇ ତାର ସାମାଜିକ ଓ ସଂସ୍କୃତିର ସ୍ୱାକ୍ଷରକୁ ସ୍ୱୀକୃତି ଦେବା, ଘରେ ଓ ହୃଦୟରେ ସ୍ଥାନ ଦେବା ସହ ତା'ର ନିଷ୍ଠା ଓ ପରାକାଷ୍ଠାର ପ୍ରଶଂସାରେ ଶତମୁଖ ହେଇଗଲେ । ଏମିତି କିଛି ବର୍ଷ ବିତିଗଲା । ଚାରି ଭାଇଙ୍କ ମଧ୍ୟରେ ପୈତୃକ ସମ୍ପତ୍ତିର ଭାଗ ହେଲା, ଯାହାକି ଏକ ସାମାନ୍ୟ ପକ୍ରିୟା । ଚାରି ଭାଇ ଆପଣା ଆପଣା ସଂସାର ଭିତରେ ଜୀବନ ଅତିବାହିତ କରୁଥିଲେ ।

ଦିନେ ହଠାତ୍ ଚାରି ଭାଇ ମଧ୍ୟରୁ ଜଣେ, ଯାହାର କି ପିଲାପିଲି ନଥିଲେ... ସେ ତା' ନିଜର ସମ୍ପତ୍ତି ଉକ୍ତ ବାବାଙ୍କ ନାଁରେ କରିଦେଲେ । ଏବେ କ'ଣ ହେଲା ନା ବାବାଙ୍କ ପାଖରେ ସାମାଜିକ, ସାଂସ୍କୃତିକ ସହିତ ଆର୍ଥିକ ପୁଞ୍ଜି ମଧ୍ୟ ଆସିଗଲା । ସମୟ କ୍ରମେ ଏଥିରେ ବୃଦ୍ଧି ହେବାରେ ଲାଗିଲା ଓ ଯେଉଁ ଭାଇ ଜଣକ ବାବାଙ୍କ ନାଁରେ ତାଙ୍କ ସମ୍ପତ୍ତି ଦାନ କରିଥିଲେ ସେ ମଧ୍ୟ ଇହଧାମରୁ ବିଦାୟ ନେଲେ । ସେ ଚାଲିଗଲା ପରେ ହିଁ ଅସଲ ଖେଳ ଆରମ୍ଭ ହେଲା । ଏଥି ଭିତରେ ବାବା ଜଣକ ନିଜର ଗୋଟିଏ ବଡ଼ ଗୋଷ୍ଠୀ ମଧ୍ୟ ତିଆରି କରି ସାରିଥିଲେ ଯେଉଁଥିରେ ଅନ୍ଧଭକ୍ତଙ୍କ ସଂଖ୍ୟା ବହୁତ ବେଶୀ ଲମ୍ବା ହେଇଯାଇଥିଲା । ଯେଉଁମାନଙ୍କ ମଧ୍ୟରେ ତଥାକଥିତ କିଛି ନିଜସ୍ୱବାଦୀ ନିଜେ ନିଜେ ସ୍ୱୟଂ ବାବାଙ୍କ ଲାଠିଧାରୀ ସୈନିକ ହେଇ ସାରିଥିଲେ । ଏବେ ଗାଁ'ର କିଛି ବ୍ୟବସାୟୀ ମଧ୍ୟ ବାବାଙ୍କ ନିକଟକୁ ଧାଇଁବା ଆରମ୍ଭ କରିଦେଲେ । ଏହା ନିରାଟ ସତ୍ୟ ଯେ ଯେଉଁଠି ସାମାଜିକ, ସଂସ୍କୃତି ଆଉ ବାହୁବଳ ଏକାଠି ହୁଏ ସେଠି ପୁଞ୍ଜି ଆପେ ଆପେ ଆକର୍ଷିତ ହୋଇ ଚାଲି ଆସେ ।

ଏବେ ବାବା ସେଇ ଚାରି ଭାଇଙ୍କ ସମ୍ପତ୍ତି ଉପରେ ନିଜର ହକ୍ ଦାବୀ କରି ଅଦାଲତରେ ମାମଲା ଦାୟର କରିଦେଲେ । ମୋକଦ୍ଦମା ଚାଲିଲା । ଯେଉଁ ଦେଶରେ ନ୍ୟାୟାଧୀଶଙ୍କ ଦୁଇ ମିଟର ଦୂରରେ ବସିଥିବା ପେସ୍କାର ସମସ୍ତ ଓକିଲ ଓ ମହକିଲଙ୍କ ଠାରୁ ୨୦୦ - ୫୦୦/- ନିଏ ଓ ନ୍ୟାୟପାଳିକା କ୍ଲୀବ ଭାବରେ ସବୁ ଜାଣି ମଧ୍ୟ ନୀରବ ରହେ ସେଠାରେ ଏ ପ୍ରକାର ମାମଲା

ବା କ'ଣ ହେବ !! କିନ୍ତୁ ଚାରି ଭାଇଙ୍କ ପିଲାପିଲି ହାର ମାନିବାକୁ ପ୍ରସ୍ତୁତ ନଥିଲେ । ସେମାନେ ବି ଲଢ଼େଇ ଜାରି ରଖିଲେ ଓ ଜିତିଲେ ମଧ୍ୟ । କିନ୍ତୁ ବାବାଙ୍କ ଚାଣକ୍ୟ ବୁଦ୍ଧିଆ ଗୁମାସ୍ତା କ'ଣ କଲେନା ସମ୍ପୂର୍ଣ୍ଣ ପରିବାରକୁ ସାମାଜିକ ବହିସ୍କାର କରାଇଦେଲେ । ବାଧ୍ୟ ହୋଇ ସେମାନଙ୍କୁ ନିଜ ଘର ଛାଡ଼ିବାକୁ ପଡ଼ିଲା । ସେମାନେ ଯେଉଁଠି ବି ରହିଲେ, ସେଠି ବାବାଙ୍କ ଲାଠିଧାରୀ ସୈନିକମାନେ ପାଣି ଟାଙ୍କି ଭାଙ୍ଗି ଦିଅନ୍ତି ତ କେବେ ପାଣି ପାଇପ୍ ଓପାଡ଼ି ନେଇ ଯାଆନ୍ତି । କେବେ ଲାଇନ୍ କାଟି ଦିଅନ୍ତି ତ କେବେ ପୋଲିସ୍ ଲଗାଇ ହଇରାଣ କରନ୍ତି ।

ଏବେ ବାବାଙ୍କ ଇଚ୍ଛା ଅନୁସାରେ ଏଇ କାହାଣୀର ଅନ୍ତ କେବଳ ଏତିକି ହେବ - ସେମାନେ ସମସ୍ତେ ନିଜ ନିଜର ସମ୍ପତ୍ତି ଓ ସନ୍ମାନକୁ ବାବାଙ୍କ ନାଁରେ କରିଦେଇ ଏକ ବଡ଼ଲୋକର ପୋଷା କୁକୁର ଜୀବନ ଜୀଇଁବେ କିମ୍ବା ପରିବାରର ଲୋକଙ୍କ ହିସାବରେ - ତମକୁ ଆମ ଘର ଲୋକ ଯେତେ ଦେଇଥିଲେ ତମେ ସେତକ ନେଇଯାଅ କିନ୍ତୁ ଆମ ପୈତୃକ ସମ୍ପତ୍ତି (ଯେଉଁଟା ଆମ ନିଜର) ଯାହା ଆମେ ମୋକଦ୍ଦମାରେ ମଧ୍ୟ ପାଇ ସାରିଛୁ ସେଥିରେ ଆମକୁ ଶାନ୍ତିରେ ରହିବାକୁ ଦିଅ । ଏହି ଦୁଇଟି କଥା ମଧ୍ୟରୁ କେଉଁଟା ଠିକ୍ ତାହା ପାଠକେ ବିଚାର କରିବେ । ଏମିତି ଭଣ୍ଡ ସାମାଜିକ, ସାଂସ୍କୃତିକ ଅଭିନୟର ବହିଷ୍କାର ବା ତିରସ୍କାର ହେବ ତାହା ମଧ୍ୟ ପାଠକୀୟ ସ୍ୱମତ ।

କିନ୍ତୁ ଅଦ୍ୟାବଧି ସେ କାହାଣୀ ଜାରି ରହିଛି ଓ ସେ ପରିବାର ସଂଘର୍ଷ ମଧ୍ୟରେ ତଳିତଳାନ୍ତ ହେଇଯାଉଥିବା ସମୟରେ ଅଭିନେତା ବାବା ଜଣଙ୍କ ଅନ୍ୟର ହାତ ଚୁମି କୋଳାକୋଳୀ ହେଇ ପଇସା କମେଇବା ସହ ତା' ଚେହେରାର ଚମକ ଦିନକୁ ଦିନ ବଢ଼ିବାରେ ଲାଗିଛି ।

- ଦୀନବନ୍ଧୁ ମିଶ୍ର



ସ୍ନାନଯାତ୍ରା ସଂସ୍କରଣ

Buy Now!



ସ୍ମୃତି

ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ସ୍ମୃତି ଏକ ରୂପା ଜହ୍ନ ମୋ ମନ ଆକାଶରେ
କେବେ ଝଲମଲ ଅନୁଭୂତିର ଶୀତଳ ଜ୍ୟୋସ୍ନା ସାଥୀରେ
କେବେ ବିବର୍ଣ୍ଣ ଅନୁଭୂତିର କଳା ବାଦଲ ଛାଇରେ,
କେବେ ପ୍ରତିବିମ୍ବିତ ହୁଏ ଅନୁଭୂତିର କାଚ ଆଇନାରେ
କେବେ ମତୁଆଲା ଅନୁଭୂତିର ପିଆଲା ପାନରେ,
ଚିରଦିନ ଅଲିଭା ଅଙ୍କାବଙ୍କା ଗାରଟିଏ ମୋ ମନର
ଭଙ୍ଗା ସିଲଟ ଛାତିରେ ।

କେବେକେବେ ଶୀତୁଆ ରାତ୍ରିର ପାହାନ୍ତି ପ୍ରହର ସ୍ୱପ୍ନରେ
ସ୍ମୃତିସବୁ ଚୁପିଚୁପି ଆସି ମୋତେ ନିଦରୁ ଉଠାନ୍ତି,
ଫ୍ରକ୍ ପିନ୍ଧା ଛୋଟ ଝିଅଟିଏ ଫୁଲ ଡାଲା ଧରି
ବାହାରିଯାଏ ବାଡ଼ିପଟ ବଗିଚାକୁ ଫୁଲ ତୋଳିବାକୁ,
ସଜଫୁଟା ଫୁଲଗୁଡ଼ା ତାକୁ ଚାହିଁ ଖିଲିଖିଲି ହସନ୍ତି,
ଆରେ ଆମକୁ ଚିହ୍ନିପାରୁନୁ ଆମେ ତୋର ପିଲାଦିନ ସାଙ୍ଗ,

ମନେ ପକା ସେ, ବୋହୂଚୋରି ଖେଳ,
ଗାଁ ଦାଣ୍ଡେ ମେଳ, ପୁଣି ସ୍କୁଲ୍ ଯିବାବେଳ,
ସବୁ ଝାପ୍ସା ସବୁ ଅସ୍ପଷ୍ଟ,
ଫୁଲ ତୋଳି ସାରି ଫେରିଲା ବେଳକୁ ଘାସର ଗାଲିଚାରେ
ଶିଶିର ବିନ୍ଦୁଟି କଁଳେଇ ଚାହେଁ, ମୁଁ ତୋର ବୋଉ, ମୋତେ
ଚିହ୍ନି ପାରୁନୁ, ମା' ମୋର ମୋ' ପାଖକୁ ଆ, ମୋ କୋଳରେ ବସ
ମୋ ସ୍ନେହର ସ୍ପର୍ଶରେ ହଜିଯିବ ସବୁ ଦୁଃଖ ତୋ'ର ସବୁ ଶ୍ଳେଷ ତୋ'ର ।

କେବେ ମଧୁମୟ ବସନ୍ତର ଫୁଲ ଅଗଣାରେ
ମୁଁ ଯେବେ ବିଚରଣ କରୁଥାଏ, ମନ୍ଦମନ୍ଦ ବହୁଥିବା
ମଳୟ ପବନ ସାଥୀରେ, ସ୍ମୃତିସବୁ ଆସି ମୋ ଅଜାଣତରେ
ମୋ ଆଖି ବୁଜି ଧରନ୍ତି, ମୁଁ ରୋମାଞ୍ଚିତ ହୁଏ,
ଏମାନେ କିଏ?
ମୋ କଲେଜ୍ ସାଙ୍ଗ, ସାଲୁଅର୍ କମିଜ୍ ପିନ୍ଧା ଝିଅଟିଏ କଲେଜ୍
ଯାଏ, ହସ ଖୁସିର ହଷ୍ଟେଲ ଜୀବନ, ପୂଜା ମଉଜ,
ଆନୁଆଲ୍ ଫଂସନ୍, ବଜାର ଯିବା ବାଟରେ ଗୁପଚୁପ୍ ଖାଇବା,
ପୁଣି ସନ୍ଧ୍ୟା ପୂର୍ବରୁ ହଷ୍ଟେଲ ଫେରିବା, ମୁଁ ଆହ୍ଲାଦିତ ହୁଏ,
ଠିକ୍ ଏତିକିବେଳେ ସେମାନେ ଫେରିଯାନ୍ତି ଯେଉଁ ବାଟରେ ।

ବେଳେବେଳେ ନିଦାଘର ନିଛାଟିଆ ଖରାବେଳେ
ସ୍ମୃତିସବୁ ହଠାତ୍ ପଶିଆସନ୍ତି ମୋ ମନ
ଇଲାକାକୁ, ଦଲକାଏ ଝାଞ୍ଜି ପବନ ସାଥୀରେ,
ଜିଭ ଦେଖେଇ ଖତେଇ ହୁଅନ୍ତି, ଦାନ୍ତ ନିକିଟି ନିକିଟି
ହସନ୍ତି, ମୁଁ କାଳେ ବାଜି ହାରିଯାଇଛି, କାରଣ ମୁଁ ମାଆଟିଏ,
ମୋ ହୃଦୟରୁ ବହୁଛି ମମତାର ମନ୍ଦାକିନୀ,

ମୁଁ କେମିତି ପହଞ୍ଚିବି ସୁମେରୁ ଶିଖରରେ,
କେହି ବୁଝୁ ବା ନବୁଝୁ ମୁଁ କେବଳ ନିଜକୁ ହରେଇବା ହିଁ ଶିଖିଛି ।

ଏବେ କିଛିଦିନ ହେଲା ମୋ ମନ କୋଠରୀର
ଚେତନାର ସିନ୍ଦୁକ ଭିତରେ ସ୍ମୃତିର ଫରୁଆରେ
ଅନୁଭୂତିମାନେ ବନ୍ଦ ହୋଇ ରହିଛନ୍ତି;
ମୋତେ ଉପେକ୍ଷା କରି ଏଣିକି ଏମାନେ
ଅପ୍ରତିଭ ଅସଂଲଗ୍ନ ମୁହୂର୍ତ୍ତରେ ଆଉ ଆସିପାରିବେନି,
ମୁଁ ଏବେ ଆଉ କାହା ପ୍ରେମରେ ପଡ଼ିଛି,
ମୋ ପ୍ରିୟ ବାନ୍ଧବୀ, ମୋ ଅବଶିଷ୍ଟ
ଜୀବନ ସାହାରା, ମୋ ମଣି କାଞ୍ଚନ ହୀରା, ସୁରଭିତ ମୋ
ମନର ଅଗଣା, ବେଶ୍ ହେଲା ତେଲଲୁଣ ସଂସାର, ଆଉ
କିଛି ନାହିଁ ଅଭିଯୋଗ, କେବଳ ମୁଁ ଆଉ ମୋର ଅନୁଭବ ।

- ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ



ଶୁଭପଲ୍ଲବ
ଷ୍ଟୋରରେ ଉପଲବ୍ଧ

Buy Now!



ଓଡ଼ିଆ ସଂସ୍କୃତିରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ଆଗକୁ ଆସୁଛି ରକ୍ଷା ବନ୍ଧନ, ତେଣୁ ରକ୍ଷା ବନ୍ଧନ ଅବସରରେ ନିଜ ଭାଇ ହାତରେ ରାକ୍ଷୀ ବାନ୍ଦିବାବେଳେ ଆପଣମାନେ ମିଠା ସହ ଏକ ସୁଆଦିଆ କ୍ଷୀରି କରି ଭାଇଙ୍କୁ ଖୁଆଇପାରିବେ । ତେବେ ଆସନ୍ତୁ ଜାଣିବା କେମତି ଅତି ସହଜରେ ଏବଂ ଅଳ୍ପ ସମୟରେ ଆମେ ଏହି କ୍ଷୀରି ପ୍ରସ୍ତୁତ କରିପାରିବେ ।

ଆବଶ୍ୟକୀୟ ଉପାଦନ:

୧. ଅରୁଆ ଚାଉଳ (ବସୁମତୀ) - ୧/୪ କପ୍, ୩୦ ମିନିଟ୍ ପାଇଁ ଭିଜାଇ ରଖିବେ
୨. କ୍ଷୀର - ୧ ଲିଟର
୩. ଚିନି - ୧/୪ କପ୍
୪. ଘିଅ - ୧ ଚାମଚ
୫. କାଜୁ କିସମିସ - ଅଳ୍ପକିଛି
୬. ଗୁଜୁରାତି ଗୁଣ୍ଡ - ଅଳ୍ପ ପରିମାଣରେ
୭. ଲୁଣ - ସ୍ୱାଦ ଅନୁସାରେ

ପ୍ରସ୍ତୁତି ପ୍ରଣାଳୀ:


- ମଧ୍ୟମ ଉତ୍ତାପରେ ଏକ ଭାରୀ ତଳ ଗଭୀର ଥିବା ପାତ୍ରରେ ଘିଅକୁ ଗରମ କରନ୍ତୁ ।
- କାଜୁ କିସମିସ ସୁନେଲି ରଙ୍ଗ ହେବା ଯାଏଁ ଭାଜି କରି ହାଣ୍ଡିରୁ ବାହାର କରନ୍ତୁ ।
- ବଳକା ଥିବା ଘିଅରେ ଚିନି ମିଶାନ୍ତୁ ଏବଂ ଏହାର ରଙ୍ଗ ହାଲୁକା ଗୋଲାପୀ ହେବାପର୍ଯ୍ୟନ୍ତ ଚିନିକୁ କ୍ରମାଗତ ଭାବରେ ଗୋଳାନ୍ତୁ । ଗୋଳେବା ବନ୍ଦ କରିବେ, ନାହିଁ, ନେହେଲ ଚିନି ଜଳିଯାଇପାରେ ।
- ଚାଉଳକୁ ଭଲ ଭାବରେ ଧୋଇ ନିଅନ୍ତୁ ଓ ତା'ପରେ ଧୁଆ ହୋଇଥିବା ଚାଉଳକୁ ହାଣ୍ଡିରେ ମିଶାନ୍ତୁ ଏବଂ ଏହାକୁ କାରାମାଲାଇଜଡ୍ ଚିନି ସହିତ ଭଲ ଭାବରେ ମିଶାନ୍ତୁ ।
- ଏକ ଭିନ୍ନ ପାତ୍ରରେ କ୍ଷୀର ଗରମ କରନ୍ତୁ ।
- ବର୍ତ୍ତମାନ ଚାଉଳ ଅଳ୍ପ ଅଳ୍ପ ପରିମାଣରେ ମିଶାନ୍ତୁ ।
- କ୍ଷୀର ମିଶାଇବା ସମୟରେ ହାଣ୍ଡିରୁ ହାତ ଏବଂ ମୁହଁ ଦୂରରେ ରଖନ୍ତୁ । ଏବଂ ଏହି ପ୍ରକ୍ରିୟାକୁ ଅତି ଯତ୍ନର ସହିତ କରନ୍ତୁ ।
- ଏହି ମିଶ୍ରଣକୁ ୧୦ ରୁ ୧୫ ମିନିଟ୍ ପାଇଁ ରାନ୍ଧନ୍ତୁ ।
- ଚାଉଳ ସିଝିଯିବା ପର୍ଯ୍ୟନ୍ତ ଏହାକୁ ମଝିରେ ମଝିରେ ଘାଣ୍ଟୁଥା'ନ୍ତୁ, ନଚେତ ଲାଗିଯାଇପାରେ ।
- ଆପଣ ଚାହିଁଲେ ଏଇଥିରେ ମିକ୍ସମାଇଡ୍ ମିଶାଇପାରିବେ ଏବଂ ମିଶାଇବା ପରେ ଆଉ ୧ ମିନିଟ୍ ପାଇଁ ଆଞ୍ଚରେ ବସାଇ ଭଲରେ ଗୋଳାଇଦିଅନ୍ତୁ ।
- ଏହାପରେ ଗୁଜୁରାତି ଗୁଣ୍ଡ, ଭଜା କାଜୁ କିସମିସ ଏବଂ ୧ ଚାମଚ ଲୁଣ ମିଶାଇବା ପରେ ଆଞ୍ଚ ବନ୍ଦ କରିଦିଅନ୍ତୁ ଏବଂ ଏହାକୁ ସ୍ୱାଭାବିକ ଭାବରେ ଥଣ୍ଡା ହେବାକୁ ଦିଅନ୍ତୁ ।

ଘର ତିଆରି ସ୍ୱାଦିଷ୍ଟ କ୍ଷୀରି ଅତି ସହଜରେ ପ୍ରସ୍ତୁତ, ସାଧାରଣତଃ ଏହି ଚାଉଳ କ୍ଷୀରି ଅଳ୍ପ ଗରମ ଥିବାବେଳେ ପରାସାଯାଇଥାଏ । ଆପଣ ଉଭୟ ଥଣ୍ଡା ଓ ଗରମ ଥିବାବେଳେ ଖାଇପାରିବେ ।

ଏହି ରକ୍ଷାବନ୍ଧନରେ ନିଶ୍ଚେ ପ୍ରସ୍ତୁତ କରନ୍ତୁ ଏହି ସୁଆଦିଆ କ୍ଷୀରି ଆପଣଙ୍କର ଭାଇଙ୍କ ପାଇଁ । ଆଉ ହଁ ମୋତେ ମୋର ଇନ୍‌ଷ୍ଟାଗ୍ରାମ୍ @savory__delightsରେ ଟ୍ୟାଗ୍ କରିବାକୁ ଭୁଲିବେନାହିଁ ।

- ଜୁଲି ସାମନ୍ତରାୟ




























ସମୟ

କୃଷ୍ଣେନ୍ଦୁ ହୋତା

ସମୟ ଚକ୍ରରେ ଘୁରୁଛି ମଣିଷ
ସବୁବେଳେ ଘୁରୁଥାଏ,
କାହାକୁ ଅପେକ୍ଷା କରେନାହିଁ କେବେ
ଅବିରତ ଚାଲୁଥାଏ ।

ଗଲା ସମୟ ସେ ବିତିଯାଇଅଛି
ଆଉ ସେ ଫେରିବ ନାହିଁ,
ଛାପି ହୋଇଯିବ ହୃଦୟ କାନ୍ଥରେ
କଦାପି ଲିଭିବ ନାହିଁ ।

ଠିକ୍ ଭୁଲ୍ କ'ଣ କହେ ସମୟ
ହୁଏନି ସେ ସ୍ୱାର୍ଥପର,
ଆଦେଶ ତାହାର ନମାନି ଚଳିଲେ
ଭବିଷ୍ୟତ ଅନ୍ଧକାର ।

ସମୟକୁ ଯିଏ ଗୋଇଠା ମାରିକି
ଭୁଲିଯାଏ ତା'ର ପାପ,
ବୁଝିଲା ସମୟେ କିଛି ଥିବ ନାହିଁ
କରୁଥିବ ପଶ୍ଚାତାପ ।

ସାରାଜଗତରେ ଏକମାତ୍ର ସତ୍ୟ
ସମୟ ହିଁ ମୂଲ୍ୟବାନ,
ସୂର୍ଯ୍ୟ, ଚନ୍ଦ୍ର, ତାରା ସଭିଙ୍କୁ ନଚାଏ
ସବୁଠୁ ସେ ବଳବାନ ।

ଅମୃତବେଳାକୁ ସାଥିରେ ଧରିକି
କରୁଥାଏ ଯିଏ କାମ,
ସମସ୍ତଙ୍କ ସିଏ ଭରଷାର ପାତ୍ର
ଯୁଗେ ଯୁଗେ ତା'ର ନାମ ।

- କୃଷ୍ଣେନ୍ଦୁ ହୋତା



ପ୍ରିୟା-ପ୍ରେମ

ସଞ୍ଜୟ କୁମାର ତ୍ରିପାଠୀ

ଯେତେଟି ସାଧନା ମନର ଭାବନା
ଆରମ୍ଭ ପ୍ରିୟା ତୁମଠୁ
ପ୍ରୀତି ସଂରଚନା ମଧୁର ମୂର୍ଚ୍ଛନା
ସଭିଙ୍କ ସୃଷ୍ଟି ତୁମଠୁଁ ।

ଆହ୍ଲାଦିତ ସବୁ ବିରଳ ମୁହୂର୍ତ୍ତ
ବନ୍ଧା ତୋ ସନ୍ଧ୍ୟା ଆଳାପେ
ସ୍ୱର୍ଗୀୟ ଶାନ୍ତିର ହୃଦ ଝରା ଧାରା
ମିଳେ ତୋ' ମିଳନ ସାଥେ ।

କଲେଜ ଜୀବନ ଚକ୍ର ମଧ୍ୟେ ମୋର
ଅତୀବ ନିଜର ତୁମେ
ଭଲ ଲାଗେ ତୁମ ମିଷ୍ଟ ପରିଭାଷା
ଆଉ ଭଲ ଲାଗ ତୁମେ ।

କ୍ୟାଣ୍ଟିନ୍ ପାଖ ବଗିଚା ଆସର
ଜମେ ପ୍ରତି ସନ୍ଧ୍ୟାବେଳେ
ସୁନେଲୀ ସୂର୍ଯ୍ୟର ଆଭା ଆଉ ତୁମେ
ଦୁହେଁ ଜଳ ଧୀରେ ଧୀରେ ।

ଅନ୍ତରର ସବୁ ଅକୁହା ଶବଦ
ବୁଝିଯାଅ ପ୍ରିୟା ତୁମେ
ଜୀବନର ସବୁ ଅଙ୍କା ବଙ୍କା ରାସ୍ତା
ସାଥେ ଚାଲୁଥାଅ ତୁମେ ।

ଜନ୍ମ ଜନ୍ମାନ୍ତର ତୁମେ ମୋ ନିଜର
ଯେଭାବେ ଜଳର ପଦ୍ମ
ଏକା ମୋତେ କେବେ କରିବନି ତୁମେ
ଅନ୍ୟଥା ଶେଷ ମୋ ପ୍ରେମ ।

- ସଞ୍ଜୟ କୁମାର ତ୍ରିପାଠୀ



ସ୍ୱପ୍ନ

ଆଶିଷ କୁମାର ସ୍ୱାଇଁ

ଆସେ ! ଆସେ ! ଆସେ ! ସେ ଚୁପି ଚୁପି ହୋଇ ମୋ ପାଖକୁ ଆସେ । କେତେବେଳେ ସୁପ୍ତ ଅବସ୍ଥାରେ ତ ପୁଣି କେତେବେଳେ ଜାଗ୍ରତ ଅବସ୍ଥାରେ । ଆସି ମୋତେ ତା' ମାୟାରେ ପ୍ରଲୋଭିତ କରି ତା' ଆୟତ୍ତକୁ ନେଇଯାଏ । ମୁଁ ବିଚରା ତା' ମାୟା ଜାଲରେ ଛନ୍ଦି ହୋଇଯାଏ । ସେ କିନ୍ତୁ ପ୍ରତ୍ୟେକ ଦିନ ଆସିବା ପ୍ରକ୍ରିୟା ଚାଲୁରଖିଥାଏ । କିଛି ଆଶା ଆକାଂକ୍ଷା ମହତ୍ତ୍ୱ ଲକ୍ଷ୍ୟକୁ ନେଇ । ସେହି ଲକ୍ଷ୍ୟ ସାଧନକୁ ସାକାର କରିବା ପାଇଁ ମାଡ଼ି ଆସେ ଆଗେଇ ଆସେ ମନକୁ ମନ ଆନ୍ଦୋଳିତ କରି ଚଳଚଞ୍ଚଳ କରିପକାଏ । ଲକ୍ଷ୍ୟର ଏକ ନିର୍ଦ୍ଦିଷ୍ଟ ପଥକୁ ନେଇ ପହଁଞ୍ଚାଏ । ତା'ର ଏକମାତ୍ର ମହତ୍ତ୍ୱ ବଳିଷ୍ଠ ଲକ୍ଷ୍ୟ ଥାଏ । ମୋର ହିତ ବ୍ୟକ୍ତିମାନଙ୍କ ହିତ ଏବଂ ସମାଜର ମଙ୍ଗଳ ସାଧନ । ମନକୁ ଏକ ଓ ଅଭିନ୍ନ ଦୃଢ଼ ଏବଂ ଶକ୍ତିମୟ କରିପକାଏ । ଯେତେ ଝଡ଼ ଝଞ୍ଝା ଘାତ ପ୍ରତିଘାତ ଆସିଲେ ବି ସେ ଏମିତି ହୃଦୟ ମନକୁ କାବୁ କରିଥାଏ ଯେ ଯାହା ବି ପ୍ରତିବନ୍ଧକ ସୃଷ୍ଟିହେଲେ ସେ ସଂଘର୍ଷ କରିବାକୁ ପ୍ରବର୍ତ୍ତାଏ । କୌଣସି କୋଣରୁ ରହି କହୁଥାଏ ମୁଁ ଆସିଛି ମାନେ ତୁ ଏହାକୁ ସମ୍ପୂର୍ଣ୍ଣ କରିବୁ ଏବଂ ମୋର ଆସିବାର ଲକ୍ଷ୍ୟ ଓ ମହତ୍ତ୍ୱ ଉଦେଶ୍ୟକୁ ସାଫଲ୍ୟ କରିବୁ । ସେ କେତେବେଳେ ସୁଖର ରାଜ ମହଲ ତୋଳିଦିଏ

ପୁଣି କେତେବେଳେ ରାଜରାସ୍ତା କଡ଼େ ଝୁମ୍ପୁଡ଼ି କୁଡ଼ିଆରେ ଠିଆ କରିଦିଏ । କେତେବେଳେ ହସଖୁସି ସମ୍ଭାର ସୃଷ୍ଟି କରେ ପୁଣି କେତେବେଳେ ଦୁଃଖର ପାହାଡ଼ ମୁଣ୍ଡେ ଲଦିଦିଏ । ପୁଣି କେବେ କେବେ କିଟ୍ କିଟ୍ ଘନ ଅନ୍ଧକାର ଓ ନିଶ୍ଚଳ ନିସ୍ତବ୍ଧ ଶୁନଶାନ୍ ବିକଟାଳ ଭୟଙ୍କର ରାତ୍ରିରେ ତା'ର ଆଗମନ ହୁଏ । ଆଉ ଶୁଣାଏ ଭୟଙ୍କର ଅଜବ ପ୍ରକାରର ଶବ୍ଦ ଆଉ ଦେଖାଏ ଲୋମଟାଙ୍କୁରା ଅଜବ ଅଜବ ଦୃଶ୍ୟ । ସେତିକିରେ ତା'ର ବି ମନ ବୁଝେନି । ନୟନରୁ ଅଶ୍ରୁ ସହ ଦେହହାତ ଥରାଇ ଦିଏ । ଆଜ୍ଞା ! କିଛି ବୁଝି ପାରୁଛନ୍ତି କି? କିଛି ଜାଣିପାରୁଛନ୍ତି କି? ମୁଁ ଭାବୁଛି ଆପଣମାନେ ଜାଣି ଜିବେଣି । ତଥାପି ମୁଁ କହିଦେଉଛି ସେ ସମସ୍ତିଙ୍କର ଅତି ଆପଣାର ଅତିପରିଚିତ ସ୍ୱପ୍ନ ।

- ଆଶିଷ କୁମାର ସ୍ୱାଇଁ



ଆତ୍ମନିର୍ଭର ଟି-ସାର୍ଟ
ଶୁଭପଲ୍ଲବ
ଷ୍ଟୋରରେ ଉପଲବ୍ଧ

Buy Now!

ଶୁଭପଲ୍ଲବ ପ୍ରତି ଆପଣମାନଙ୍କର ଥିବା ଭଲ ପାଇବା ହିଁ ଆମ ପାଇଁ ପ୍ରେରଣା । ଆପଣାମାନଙ୍କର ପରାମର୍ଶରେ ଆରମ୍ଭ ହୋଇଥିଲା ଏହାର ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟ ଏବଂ ସଭିଙ୍କର ସହଯୋଗ ଫଳରେ ଆଜି ପୂର୍ବ ପ୍ରକାଶିତ ଲେଖାଗୁଡ଼ିକର ଅଡ଼ିଓ ଏବେ ଇଣ୍ଟରନେଟରେ ଖୋଲା ଭାବେ ଉପଲବ୍ଧ । ପୂର୍ବଥର ଭଳି ଏଥର ମଧ୍ୟ କିଛି ଭିନ୍ନ କରିବାର ପ୍ରଚେଷ୍ଟା କରିଛୁ ।

ଆପଣମାନଙ୍କର ଏହିଭଳି ଭଲପାଇବା ଆଶା କରୁଛୁ ଏହି ସଂସ୍କରଣ ପାଇଁ ଏବଂ ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟରେ ଆପଣମାନଙ୍କର ସହଯୋଗ ମଧ୍ୟ କାମନା କରୁଛୁ । ୟୁ-ଟ୍ୟୁବ୍‌ରେ ଅଡ଼ିଓ ଆସିବା ପରେ ଗପ ଶୁଣିବାକୁ ରୁଚି ରଖୁଥିବା କିମ୍ବା ଓଡ଼ିଆ ଲିପି ଭଲ ଭାବରେ ପଢ଼ିପାରୁନଥିବା ବନ୍ଧୁମାନଙ୍କ ସହ ସେୟାର କରିବାକୁ ଅନୁରୋଧ କରୁଛୁ । ଏଥିସହ ଯଦି କୌଣସି ଲେଖାର ରେକର୍ଡ଼ିଂ ଆପଣ ନିଜେ କରିବାକୁ ଚାହୁଁଥିବେ, ତେବେ ମୋବାଇଲେ ରେକର୍ଡ଼ିଂ କରି ଆମକୁ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ ।

ସର୍ବୋପରି ଏହି ସଂସ୍କରଣର ପ୍ରକାଶିତ ଲେଖା ତଥା ପତ୍ରିକା ବିଷୟରେ ମତାମତ ଦେବାକୁ ଅନୁରୋଧ କରୁଛୁ । ଆମର ୱେବ୍‌ସାଇଟ୍‌ରେ ଲେଖା ପ୍ରକାଶ କରିବାକୁ ଇଚ୍ଛୁକ ଲେଖ୍‌କ/ଲେଖ୍‌କାମାନେ ଆମକୁ ଇ-ମେଲ୍ ଜରିଆରେ ପଠାଇପାରିବେ । ମେଲ୍ କରିବା ସମୟରେ ଠିକଣାର ବନାନକୁ ଧ୍ୟାନରେ ରଖି Text ଆକାରରେ ଲେଖି ସାଙ୍ଗରେ ଗୋଟିଏ ଫଟୋ ପଠାଇବାକୁ ଅନୁରୋଧ ।

ଇ-ମେଲ୍: shubhapallaba@gmail.com

ୟୁ-ଟ୍ୟୁବ୍: http://youtube.com/Shubhapallaba

ସୋସିଆଲ ମିଡ଼ିଆ: Facebook, twitter, Insta/@Shubhapallaba

ୱେବ୍‌ସାଇଟ୍: http://shubhapallaba.in

WhatsApp: +91 7008899643

©Shubhapallaba